## ଅଲ୍ଲାଃ ତାଲାଙ୍କ ବାଣୀ

مَنۡ یُّطِعِ الرَّسُوۡلَ

فَقَدۡ اَطَاعَ اللّٰہَ ۚ

وَمَنۡ تَوَلّٰی فَمَاۤ اَرۡسَلۡنٰکَ

عَلَیۡہِمۡ حَفِیۡظًا (النساء:81)

ଅନୁବାଦ- ଯେ କେହି ରସୁଲଙ୍କର ଆଜ୍ଞାପାଳନ କରେ. (ତେବେ ଜାଣିରଖ ଯେ) ସେ ଅଲ୍ଲାଃଙ୍କର ଆଜ୍ଞା ପାଳନ କରେ; ଏବଂ ଯେଉଁ ଲୋକମାନେ ବିମୁଖ ହୁଅନ୍ତି ତେବେ (ମନେରଖ ଯେ) ଆମ୍ଭେ ତୁମ୍ଭଙ୍କୁ ସେମାନଙ୍କର ତତ୍ତ୍ୱାବଧାରକ ରୂପେ ପ୍ରେରଣ କରିନାହୁଁ । *(ନିସା: ୮୧)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 42

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

15 ଅକ୍ଟୋବର 2020 | 15 ଇଖା 1399 ହି.ଶ | 27 ସଫର୍ 1442 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ନିଜର ଅଭ୍ୟାସକୁ ମାର୍ଜିତ କରନ୍ତୁ, କ୍ରୋଧରୁ ମୁକ୍ତ ହୁଅନ୍ତୁ, ତାହାକୁ ବିନମ୍ରତା ଓ ବିନୟ ସ୍ୱଭାବରେ ବଦଳାଇ ଦିଅନ୍ତୁ ।**

**ଦୁଆ (ପ୍ରାର୍ଥନା) ଦ୍ୱାରା ଓ ତୌବାଃ କରି କାର୍ଯ୍ୟ ସମ୍ପାଦନ କର ଏବଂ ସଦକାତ୍ (ଦାନପୂଣ୍ୟ) ଦେବା ଜାରି ରଖ ଫଳତଃ ଅଲ୍ଲାଃ ତାଲା ତୁମ ଉପରେ ଅନୁଗ୍ରହ ଓ ଦୟା ଆଚରଣ କରିବେ**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ମୋ ନିକଟରେ ସରକାରଙ୍କ ନିୟମକାନୁନକୁ ବିରୋଧ କରିବା ହେଉଛି ବିଦ୍ରୋହ, ଯାହା ଏକ ଭୟଙ୍କର ଅପରାଧ ଅଟେ । ହଁ ସରକାରଙ୍କର ଏହା ମଧ୍ୟ ଦାୟିତ୍ୱ ଯେ, ସେ ଏପରି ଅଫିସରମାନଙ୍କୁ ନିଯୁକ୍ତି ଦିଅନ୍ତୁ ଯେଉଁମାନେ ଉତମ ଚରିତ୍ର ସମ୍ପନ୍ନ, ସଚ୍ଚୋଟ ହୋଇଥିବା ସହିତ ଦେଶର ରୀତିନୀତି ଓ ଧାର୍ମିକ ପ୍ରଥା ସମ୍ବନ୍ଧରେ ଅବଗତ ଥିବେ । ଅତଏବ ତୁମେ ନିଜେ ଏହି ନିୟମକାନୁନକୁ ମାନିଚଳ ଓ ନିଜର ବନ୍ଧୁବାନ୍ଧବ ଓ ପଡ଼ୋଶୀମାନଙ୍କୁ ଏହି କାନୁନ୍‌ର ଲାଭ ଓ ସୁବିଧା ବିଷୟରେ ଅବଗତ କରାଅ । ମୁଁ ବାରମ୍ବାର ଏ କଥା କହୁଛି ଯେ ବର୍ତମାନ ଦୁଆ (ପ୍ରାର୍ଥନା) କରିବାର ସମୟ । ଜଣାପଡୁଛି ଯେ ଏହି ମହାମାରୀ ପଞ୍ଜାବ ଆଡ଼କୁ ମୁହାଁଉଛି । ତେଣୁ ଜରୁରୀ ଅଟେ ଯେ ପ୍ରତ୍ୟେକ ସଚେତନ ଓ ଜାଗ୍ରତ ହୋଇ ଦୁଆ କରନ୍ତୁ ଓ ଭଗବାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ । ଏହା ହେଉଛି ପବିତ୍ର କୁର୍‌ଆନ୍‌ର ଆଭିମୁଖ୍ୟ ଯେ ଯେବେ ଈଶ୍ୱରୀୟ ଦଣ୍ଡ ଆସି ମୁଣ୍ଡ ଉପରେ ପହଂଚିଯାଏ, ସେତେବେଳେ ତୌବାଃ ଅର୍ଥାତ କ୍ଷମା ପ୍ରାର୍ଥନା କରିବା ଉକ୍ତ ଈଶ୍ୱରୀୟ ଦଣ୍ଡରୁ ବଂଚାଇପାରିବ ନାହିଁ ।

ତେଣୁ ଈଶ୍ୱରୀୟ ଦଣ୍ଡ ଆସି ତୌବାଃ (କ୍ଷମାପ୍ରାର୍ଥନା) କରିବାର ଦ୍ୱାରକୁ ବନ୍ଦ କରିବା ପୂର୍ବରୁ ହିଁ ତୌବାଃ କରିନିଅ । ତେଣୁ ଯେଉଁଠି ସାଂସାରିକ ନିୟମକାନୁନ୍ ପ୍ରତି ଏତେ ଭୟ ସୃଷ୍ଟି ହେଉଅଛି ସେଠି ସର୍ବଶକ୍ତିମାନ ଈଶ୍ୱରଙ୍କ କାନୁନକୁ ଲୋକମାନେ କାହିଁକି ଭୟ କରିବେ ନାହିଁ । ଯେତେବେଳେ ଦଣ୍ଡ ମୁଣ୍ଡ ଉପରେ ଆସି ପହଂଚିଯାଏ ସେତେବେଳେ ତା'ର ସ୍ୱାଦ ଚାଖିବାକୁ ହିଁ ପଡ଼ିଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ତହଜ୍ଜୁଦ୍ ନମାଜ ପଢ଼ିବା ନିମନ୍ତେ ଉଠିବାକୁ ଚେଷ୍ଟା କରନ୍ତୁ ଏବଂ ପାଂଚବେଳା ନମାଜରେ ମଧ୍ୟ କୁନୁତ୍ (ଅର୍ଥାତ ବିଶେଷ ନିବେଦନ)କୁ ସାମିଲ କରନ୍ତୁ । ଏପରି ସମସ୍ତ କଥା ଯେଉଁଥିରେ ଈଶ୍ୱର ଅପ୍ରସନ୍ନ ହୋଇଥାନ୍ତି, ସେଥିରୁ ତୌବାଃ (ଅନୁତାପ) କରନ୍ତୁ । ତୌବାଃ ହେଉଛି ଏହା କି ଜଣେ ସମସ୍ତ ମନ୍ଦ କାର୍ଯ୍ୟ ଓ ଈଶ୍ୱରଙ୍କୁ ଅପ୍ରସନ୍ନ କରୁଥିବା ବିଷୟକୁ ପରିତ୍ୟାଗ କରି ଏକ ଆନ୍ତରିକ ପରିବର୍ତନ ଆଣି ଆଗକୁ ପାଦ ଥାପିଥାଏ ଓ ଧର୍ମ ପରାୟଣତାର ମାର୍ଗକୁ ଗ୍ରହଣ କରିଥାଏ । ଜଣେ ନିଜର ଚରିତ୍ର ଓ ନୈତିକତାକୁ ଉଚ୍ଚ ସ୍ଥାନରେ ରଖିବା ଉଚିତ କାରଣ ଏଥିରେ ମଧ୍ୟ ଈଶ୍ୱରଙ୍କର ଦୟା ହୋଇଥାଏ । ନିଜର ଅଭ୍ୟାସକୁ ମାର୍ଜିତ କରନ୍ତୁ, କ୍ରୋଧରୁ ମୁକ୍ତ ହୁଅନ୍ତୁ, ତାହାକୁ ବିନମ୍ରତା ଓ ବିନୟ ସ୍ୱଭାବରେ ବଦଳାଇ ଦିଅନ୍ତୁ । ନୈତିକ ସଂସ୍କାର ସହିତ ନିଜ ସାମର୍ଥ୍ୟ ମୁତାବକ ସଦକାତ୍ ଅର୍ଥାତ ଦାନପୂଣ୍ୟ କରନ୍ତୁ । ଯେପରି ଅଲ୍ଲାଃ ତାଲା କହୁଛନ୍ତି **"ୟୁତ୍‌ଇମୁନତ୍ ତାଆମା ଅଲା ହୁବ୍‌ବିହି ମିସ୍‌କିନନ୍ ଓ୍ୱ ୟତିମନ୍ ଓ୍ୱ ଅସିରା (ଦହର୍:୯)** ଅର୍ଥାତ ସେମାନେ ଈଶ୍ୱରଙ୍କ ପ୍ରତି ପ୍ରେମ ହେତୁ ଦରିଦ୍ର, ଅନାଥ ଓ ବନ୍ଦୀମାନଙ୍କୁ ଖାଦ୍ୟ ଖୁଆନ୍ତି ଏବଂ ଏକଥା କହିଥାନ୍ତି ଯେ ଆମେ ଖାସ୍ ଈଶ୍ୱରଙ୍କୁ ପ୍ରସନ୍ନ କରିବାପାଇଁ ଦେଉଅଛୁ ଏବଂ ଆମେ ସେହି ଦିନକୁ ଭୟ କରୁଅଛୁ ଯାହା ଅତ୍ୟନ୍ତ ଭୟଙ୍କର ଅଟେ । ସଂକ୍ଷେପରେ ଏତିକି ଯେ ଦୁଆ (ପ୍ରାର୍ଥନା) ଦ୍ୱାରା ଓ ତୌବାଃ କରି କାର୍ଯ୍ୟ ସମ୍ପାଦନ କର ଏବଂ ସଦକାତ୍ (ଦାନପୂଣ୍ୟ) ଦେବା ଜାରି ରଖ ଫଳତଃ ଅଲ୍ଲାଃ ତାଲା ତୁମ ଉପରେ ଅନୁଗ୍ରହ ଓ ଦୟା ଆଚରଣ କରିବେ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୯୨ ପ୍ରକାଶନ୨୦୧୮ କାଦିୟାନ)*

**ମୁସଲମାନ ହେଉଛି ସେ ଯିଏ ଖୁଦାତାଲାଙ୍କ ପ୍ରେରିତ ସମସ୍ତ ଅମ୍ବିୟା (ଅବତାର)ମାନଙ୍କ ଉପରେ ବିଶ୍ୱାସ ଆଣିଥାଏ**
**ମୁଁ ମୁସଲମାନମାନଙ୍କର ଧ୍ୟାନ ଆକର୍ଷଣ କରାଉଛି ଯେ ମସିହ ମଉଦ ଆ:ସଙ୍କ ଦାବିକୁ ଖାମଖିଆଲି ଭାବେ ନ ଦେଖନ୍ତୁ, ଏତଦ୍‌ଦ୍ୱାରା ଇସ୍‌ଲାମ୍ ପରି ମୂଲ୍ୟବାନ ଜିନିଷ ହାତରୁ ଚାଲିଯିବାର ଆଶଙ୍କା ରହିଛି ।**

ସୁରଃ ବକ୍‌ରାଃର ଆୟତ ନଂ ୧୩୭ର ବ୍ୟାଖ୍ୟା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି;

"ଏହି ଆୟତରୁ ସ୍ପଷ୍ଟ ହେଉଅଛି ଯେ ମୁସଲମାନ ହେଉଛି ସେହି ବ୍ୟକ୍ତି ଯିଏ ଖୁଦାତାଲାଙ୍କ ସମସ୍ତ ଅମ୍ବିୟାମାନଙ୍କୁ ଉପରେ ବିଶ୍ୱାସ ଆଣିଥାଏ ଏବଂ ସେମାନେ ନବୀ ହୋଇଥିବା ଦୃଷ୍ଟିକୋଣରୁ ସେମାନଙ୍କ ମଧ୍ୟରେ କିଛି ପ୍ରଭେଦ କରନାହିଁ । ଯେଉଁ ନବୀମାନଙ୍କ ବିଷୟରେ ସେ ଜାଣିଛି ସେମାନଙ୍କ ନବୁଓ୍ୱତକୁ ସେ ସ୍ୱୀକାର କରୁ । ସେହିପରି ଯାହାଙ୍କ ସମ୍ବନ୍ଧରେ ସେ ଜାଣିନାହିଁ ସେମାନଙ୍କ ନୁବଓ୍ୱତ ଉପରେ ମୋଟାମୋଟି ବିଶ୍ୱାସ ଆଣୁ । ଅର୍ଥାତ ସେ ଏ ବିଶ୍ୱାସ କରୁ ଯେ ପ୍ରତ୍ୟେକ କୌମ୍ (ଜାତି)ରେ ଈଶ୍ୱରଙ୍କର କୌଣସି ନା କୌଣସି ନବୀ ନିଶ୍ଚିତ ରୂପେ ଆସିଛନ୍ତି । ତେଣୁ ଆମେ ସମସ୍ତଙ୍କୁ ସତ୍ୟବାଦୀ ରୂପେ ସ୍ୱୀକାର କରୁଅଛୁ ଏବଂ ସେମାନଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ଶିକ୍ଷା ଈଶ୍ୱରଙ୍କ ତରଫରୁ ଆସିଛି ବୋଲି ମାନୁଅଛୁ । ଅତଏବ ଯେଉଁ ବ୍ୟକ୍ତି ନିଜ ଯୁଗ ବା ତା ପୂର୍ବ ଯୁଗର ସମସ୍ତ ନବୀମାନଙ୍କର ନବୁଓ୍ୱତକୁ ସ୍ୱୀକାର କରିଥାଏ ଏବଂ କୌଣସି ନବୀଙ୍କୁ ମଧ୍ୟ ଅସ୍ୱୀକାର କରିନଥାଏ, ସେ ହେଉଛି ମୁସ୍‌ଲିମ୍ । କାରଣ ସମସ୍ତ ନବୀମାନଙ୍କ ନୁବଓ୍ୱତ୍‌କୁ ମନାଇ୍ଲା ପରେ ଅଲ୍ଲାଃ ତାଲା ଏ ବାକ୍ୟ କହିଛନ୍ତି କି **ନହ୍‌ନୁ ଲହୁ ମୁସ୍‌ଲିମୁନ୍** ଅର୍ଥାତ ଆମେ ତାହାଙ୍କର (ଅର୍ଥାତ ଅଲ୍ଲାଃଙ୍କର) ଆଜ୍ଞାବହ ଅଟୁ । ଏଥିରୁ ଜଣାପଡୁଛି ଯେ ଏହା ସ୍ୱୀକାର କରିବାପରେ ଜଣେ ବ୍ୟକ୍ତି ମୁସଲମାନ ହୋଇଥାଏ । ଏହା କେବଳ ଇସ୍‌ଲାମ୍‌ର ବିଶେଷତା ଯେ ସେ ଦୁନିଆର ସମସ୍ତ ନବୀମାନଙ୍କ ସତ୍ୟତାକୁ ସ୍ୱୀକାର କରିଥାଏ । ପ୍ରତ୍ୟେକ ଧର୍ମର ଅନୁଗାମୀମାନେ ନିଜ ନିଜ ଧର୍ମର ନବୀମାନଙ୍କ ସତ୍ୟତାକୁ ପ୍ରତିବାଦିତ ତ କରିଥାନ୍ତି କିନ୍ତୁ

## ନବୀ ସ:ଆ:ସଙ୍କ ବାଣୀ

**ମହାମାନ୍ୟ ନବୀ ଶିରୋମଣି ସ:ଆ:ସ ଜୋହର ଏବଂ ଅସର ନମାଜର କିର୍‌ଆତ୍ (କୁର୍‌ଆନ୍ ପାଠ) ମଧ୍ୟରୁ ବେଳେବେଳେ କିଛି ଆୟତ ଆମକୁ ଶୁଣାଇ ଦେଉଥିଲେ**

* ହଜ୍‌ରତ୍ ଅବୁ ମୁଅମ୍ମରଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ହଜ୍‌ରତ୍ ଖୁବ୍‌ବାବ୍ ର:ଅ ବିନ୍ ଅରତ୍‌ଙ୍କୁ ପଚାରିଲ: କଣ କେବେ ନବୀ ସ:ଆ:ସ ଜୋହର ଏବଂ ଅସର ନମାଜରେ ପବିତ୍ର କୁର୍‌ଆନ୍‌ର ଆୟତ (ଉଚ୍ଚ ସ୍ୱରରେ) ପାଠ କରିଛନ୍ତି କି ? ଏଥିରେ ସେ କହିଲେ ହଁ । ମୁଁ ପୁଣି ପଚାରିଲି ଯେ ହଜୁର ସ:ଆ:ସ ଏପରି ପାଠ କରୁଥିଲେ ବୋଲି ଆପଣ କିପରି ଜାଣନ୍ତି ? ସେ କହିଲେ: ହଜୁରଙ୍କ ଦାଢ଼ି ହଲିବାରୁ ଜଣାପଡ଼େ ।
* ଅବୁ କତାଦାଃଙ୍କଠାରୁ ବର୍ଣ୍ଣିତ ଅଛି ଯେ: ନବୀ ସ:ଆ:ସ ଜୋହର୍ ଏବଂ ଅସର୍ ନମାଜର ପ୍ରଥମ ଦୁଇ ରେକାତରେ ସୁରଃ ଫାତିହା ସହିତ ଅନ୍ୟ କୌଣସି ସୁରଃ ପଢ଼ନ୍ତି ଓ କେବେକେବେ ଆମକୁ ମଧ୍ୟ କିଛି ଶୁଣାଇ ଦିଅନ୍ତି ।
* ହଜ୍‌ରତ୍ ବରାଅ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ନବୀ ସ:ଆ:ସଙ୍କୁ ଇଶା ନମାଜ୍‌ରେ ସୁରଃ **ଓ୍ୱତ୍‌ତିନି ଓ୍ୱଜ୍ ଜଇତୁନ୍** ପାଠ କରିବାର ଶୁଣିଛି । ମୁଁ କାହାକୁ ମଧ୍ୟ ଏପରି ଶୁଣିନାହିଁ ଯିଏ ଏମିତି ସୁନ୍ଦର ସ୍ୱର ଓ କୁର୍‌ଆନ୍ ପଢ଼ିବାର ଶୈଳୀରେ ଆପଣ ସ:ଆ:ସଙ୍କଠାରୁ ଭଲ ପଢୁଥିବେ ।
* ହଜ୍‌ରତ୍ ଜାବିର୍ ର:ଅ ବିନ୍ ସମ୍‌ରାଃଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ସାଆଦ୍ ର:ଅ (ବିନ୍ ଅବି ଓ୍ୱକାସ୍)ଙ୍କୁ କହିଲେ: ଲୋକମାନେ ତ ପ୍ରତ୍ୟେକ କଥାରେ ଆପଣଙ୍କର ଆପତି ଅଭଯୋଗ କରିଛନ୍ତି ଏପରି କି ନମାଜ ସମ୍ବନ୍ଧରେ ମଧ୍ୟ କରିଛନ୍ତି । ଏହା ଶୁଣି ହଜ୍‌ରତ୍ ସାଆଦ୍ ର:ଅ କହିଲେ: ମୁଁ ତ ପ୍ରଥମ ଦୁଇ ରେକାତ୍ ନମାଜ ଲମ୍ବା ପଢ଼ାଇଥାଏ ଓ ତା'ପର ଦୁଇ ରେକାତକୁ ସଂକ୍ଷିପ୍ତରେ ପଢ଼ାଇଥାଏ । ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ନମାଜ ପାଠ କରିବାର ଶୈଳୀକୁ ଅନୁକରଣ କରିବାରେ କେବେ ହେଳା କରେନାହିଁ । ହଜ୍‌ରତ୍ ଉମର୍ ର:ଅ କହିଲେ: ଆପଣ ସତ୍ୟ କହିଛନ୍ତି । ଆପଣ ସ:ଆ:ସଙ୍କ ସମ୍ବନ୍ଧରେ ମୋର ମଧ୍ୟ ଏହି ଧାରଣା ଥିଲା ।

***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଅଜାନ୍)***

ଅନ୍ୟ ଧର୍ମର ନବୀମାନଙ୍କ ସତ୍ୟତାକୁ ସ୍ୱୀକାର କରିବା ପ୍ରତି କୌଣସି ଧ୍ୟାନ ଦେଇନଥାନ୍ତି । ଇସ୍‌ଲାମ୍ ସମସ୍ତ ଅବତାରମାନଙ୍କ ସତ୍ୟତାକୁ କରିଥାଏ । ସେ ବନି ଇସ୍‌ରାଇଲ୍ ହୁଅନ୍ତୁ, ହିନ୍ଦୁସ୍ତାନ ବା ଇରାନ୍‌ର ଲୋକମାନଙ୍କ ମଧ୍ୟରେ ଆସିଥାନ୍ତୁ ବା ଦୁନିଆର କୌଣସି ଦେଶରେ ସେ ସୁଧାରକାର୍ଯ୍ୟ ନିମନ୍ତେ ପ୍ରକଟ ହୋଇଥାଆନ୍ତୁ । କିନ୍ତୁ ଏଥିରେ ବିସ୍ତାର ବିଶ୍ୱାସ ନୁହେଁ ବରଂ ସଂକ୍ଷିପ୍ତ ବିଶ୍ୱାସ । ଯଦି ବିସ୍ତାର ବିଶ୍ୱାସ ହୋଇଥାଆନ୍ତ ତେବେ **ଓ୍ୱ ମା ଉତିୟନ୍ ନବିୟୁନା ମିର୍‌ରବ୍‌ବିହିମ୍** କହି ସେହି ସମସ୍ତ ନବୀମାନଙ୍କର ଚର୍ଚ୍ଚା କରାଯାଇନଥାନ୍ତା ଯାହାଙ୍କର ନାମ ମଧ୍ୟ ଆମେ ଜାଣିନାହୁଁ ଓ ସେମାନଙ୍କର ଜୀବନ ଚରିତ ସମ୍ବନ୍ଧରେ ପବିତ୍ର କୁର୍‌ଆନ୍ କେଉଁଠି ହେଲେ ବି ଚର୍ଚ୍ଚା କରିନାହିଁ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସଂକ୍ଷେପରେ ସେମାନଙ୍କ ଉପରେ ବିଶ୍ୱାସ ଆଣିବା ଜରୁରୀ ବୋଲି ନିର୍ଦ୍ଦେଶ ଦେଇଛି ।

ମୁଁ ଏ ଅବସରରେ ମୁସଲମାନମାନଙ୍କୁ ମଧ୍ୟ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଅଛି ଯେ ଖୁଦାତାଲା କହିଛନ୍ତି କି ଯିଏ ସମସ୍ତ ନବୀମାନଙ୍କ ଉପରେ ବିଶ୍ୱାସ ଆଣିଥାଏ ସେ ହେଉଛି ମୁସଲମାନ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଆସିବାକୁ ଥିବା ମସିହଙ୍କୁ ନବୀୟୁଲ୍ଲାହ୍ (ଅର୍ଥାତ ଅଲ୍ଲାଃଙ୍କ ନବୀ) ରୂପେ ଅଭିହିତ କରିଛନ୍ତି । ଏ ଯୁଗରେ ପ୍ରତିଶ୍ରୁତି ମସିହଙ୍କ ଅଙ୍ଗୀକାର ଅହେମଦୀୟା ସମ୍ପ୍ରଦାୟର ପ୍ରତିଷ୍ଠାତାଙ୍କ ଅସ୍ତିତ୍ୱରେ ପୂରଣ ହୋଇସାରିଛି । ତେଣୁ ପ୍ରତ୍ୟେକ ବ୍ୟକ୍ତି ଯିଏ ଇସ୍‌ଲାମ୍ ସହିତ ନିଜକୁ ଯୋଡୁଅଛି, ତାହାର କର୍ତବ୍ୟ ହେଉଛି ଏହା କି ସେ ସଚେତନ ହୋଇଯାଉ ଏବଂ ତାଙ୍କର (ଅର୍ଥାତ ମସିହ ମଉଦଙ୍କର) ଦାବୀକୁ ଅଣଦେଖା ନ କରୁ କାରଣ ଏହି ଅଣଦେଖା ଦ୍ୱାରା ଇସ୍‌ଲାମ୍ ପରି ମୂଲ୍ୟବାନ ଜିନିଷ ହାତରୁ ଚାଲିଯିବାର ଆଶଙ୍କା ରହିଛି । ମୁସଲମାନ ହେଉଛି ସେ ଯିଏ ଖୁଦାତାଲାଙ୍କ ସମସ୍ତ ନବୀମାନଙ୍କୁ ମାନିଥାଏ । ତେଣୁ ମସିହ ମଉଦଙ୍କ ନବୁଓ୍ୱତ ମଧ୍ୟ ଏଥିରୁ ବାଦ ନାହିଁ । ସୁତରାଂ ମୁସଲମାନମାନେ ଏଥପ୍ରତି ସଚେତନ ହେବା ଆବଶ୍ୟକ ।”

***(ତଫ୍‌ସିର୍ କବୀର, ଖଣ୍ଡ-୨, ପୃ-୨୧୦-୨୧୧.........୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଶାରା ଦୁନିଆର ସମ୍ପତି ମିଳିଯାଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅତଏବ ଆମର ଏ ବିଶ୍ୱାସ ଯେ, ଯଦି ଜଣେ ମୁସଲମାନ ଅଲ୍ଲାଃ ତାଲାଙ୍କ ଉପାସନା ଏବଂ ମସ୍‌ଜିଦ୍‌ର ହକ୍‌କୁ ପ୍ରଦାନ କରିବା ନିମନ୍ତେ ଇଚ୍ଛା ରଖିଅଛି ତେବେ ତା ପାଇଁ ଏହା ଜରୁରୀ ଯେ, ସେ ମାନବ ଜଜାତିର ଅଧିକାରକୁ ମଧ୍ୟ ପ୍ରଦାନ କରୁ । ଜଣେ ମୁସଲମାନର ଦୃଷ୍ଟିକୋଣରେ ଈଶ୍ୱର ଉପାସନା ଓ ମାନବଜାତିର ସେବା ଆପୋଷରେ ନିଶ୍ଚିତରୂପେ ଜଡ଼ିତ । ଯଦି ଜଣେ ମୁସଲମାନ ଅନ୍ୟକୁ ଦୁଃଖ ଓ କଷ୍ଟ ଦେଉଥାଏ ଓ ସହାନୁଭୂତି ଦେଖାଏ ନାହିଁ ତେବେ ସେ ନିୟମିତ ଯଦି ଉପାସନା କରୁଥାଏ ତାହା ହେଲେ ତା’ର ସମସ୍ତ ଉପାସନା ନିରର୍ଥକ ଓ ବେକାରରେ ଯିବ । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ର ସୁରାଃ ଅଲ୍‌ମାଉନ୍‌ର ଆୟତ ନଂ ୩-୭ ରେ ବର୍ଣ୍ଣନା କରୁଛନ୍ତି ଯେ, ଯେଉଁବ୍ୟକ୍ତି ଅନାଥମାନଙ୍କୁ ତିରସ୍କାର କରେ ଓ ଦୁଃଖି ଦରିଦ୍ରଙ୍କୁ ଖାଇବାପାଇଁ ଦିଏ ନାହିଁ ସେହି ବ୍ୟକ୍ତିର ନମାଜ ପାଠ କରିବା ତା’ପାଇଁ ଅଭିଷାପ ହୋଇଯିବ । କାରଣ ଏହିଭଳି ଲୋକମାନେ ଲୋକ ଦେଖାଣିଆ ନମାଜ ପଢ଼ିଥାନ୍ତି ଓ ପ୍ରାଣୀଜନଙ୍କର ଅଧିକାରକୁ ପୁରଣ କରିନଥାନ୍ତି । ତେଣୁ ଏହି ଭଳି ଲୋକମାନଙ୍କର ଦୁଆ ଗ୍ରହଣୀୟ ହୋଇନଥାଏ । ପବିତ୍ର କୁର୍‌ଆନ୍‌ର ଏହି ବାକ୍ୟରୁ ସ୍ପଷ୍ଟ ହେଉଛି ଯେ, ଏହିଭଳି ଲୋକମାନଙ୍କର ଉପାସନା ବେକାର ଓ ଏହା ହେଉଛି କପଟି କାର୍ଯ୍ୟକଳାପ ଯାହା ତାଙ୍କୁ ଧ୍ୱଂସ ଆଡ଼କୁ ନେଇଯିବ । ଅତଏବ ଗୋଟିଏ ମସ୍‌ଜିଦ୍ ଏପରି ଯିଏ ଆମର ଧ୍ୟାନକୁ କେବଳ ଖୁଦାତାଲାଙ୍କ ଅଧିକାରକୁ ପ୍ରଦାନ କରିବା ପ୍ରତି ଆର୍କଷଣ କରିନଥାଏ ବରଂ ମାନବ ସମାଜର ଅଧିକାର ଓ ମାନବ ସେବାର ଗୁରୁତ୍ୱ ବିଷୟରେ ମଧ୍ୟ ଶିକ୍ଷା ଦେଇଥାଏ । ଯେତେବେଳେ ଏହିଭଳି ମସ୍‌ଜିଦ୍ ପଛରେ ଏହି ପୂଣ୍ୟ ଉଦ୍ଦେଶ୍ୟ ରହିଥିବ ସେତେବେଳେ ଆପଣମାନଙ୍କୁ ଏହିଭଳି ମସ୍‌ଜିଦ୍‌ରୁ ଭୟଭିତ ହେବାର କିଛି ଆବଶ୍ୟକତା ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଇସ୍‌ଲାମ୍ ବାରମ୍ବାର ପଡ଼ୋଶୀମାନଙ୍କର ଧ୍ୟାନ ରଖିବାପାଇଁ ଓ ସେମାନଙ୍କର ଅଧିକାରକୁ ପ୍ରଦାନ କରିବାପାଇଁ ଜୋର୍ ଦେଇଛି । ଉଦାହରଣ ସ୍ୱରୁପ ସୁରାଃ ନିସାର ଆୟତ ନଂ ୩୭ ରେ ଯେଉଁଠି ପବିତ୍ର କୋରାନ୍ ମୁସଲମାନମାନଙ୍କୁ ଏ ନିର୍ଦ୍ଦେଶ ଦେଇଛି ଯେ, ସେ ନିଜ ମାତାପିତା ଓ ନିଜ କୁଟୁମ୍ବର ଲୋକମାନଙ୍କ ସହିତ ସ୍ନେହ ଓ ସହାନୁଭୁତି ଦେଖାଇବ ସେଠାରେ ଏକଥା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ, ସେ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଅଭାବ ଓ ଅସୁବିଧାକୁ ମଧ୍ୟ ଦୁର କରୁ ଏବଂ ପୁଣି ପଡ଼ୋଶୀମାନଙ୍କର ଅଧିକାର ଦେବାପ୍ରତି ବିଶେଷରୂପେ ନିର୍ଦ୍ଦେଶ ଦିଆଯାଇଅଛି । ଜଣେ ମୁସଲମାନକୁ ନିଜ ପଡ଼ୋଶୀମାନଙ୍କ ସହିତ ତାଙ୍କ ସହିତ ନିଜସ୍ୱ ସମ୍ପର୍କ ଥାଉ ବା ନଥାଉ ପ୍ରେମ ଓ ସୁରକ୍ଷା ଦେବା ସହିତ ଆବଶ୍ୟକସ୍ଥଳେ ସେମାନଙ୍କ ସାହାଯ୍ୟ କରିବାପାଇଁ ସର୍ବଦା ପ୍ରସ୍ତୁତ ରହିବାପାଇଁ ଶିକ୍ଷା ଦିଆଯାଇଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଇସ୍‌ଲାମ୍‌ରେ ଯେଉଁ ପଡ଼ୋଶୀର ସଜ୍ଞା ନିରୂପଣ କରାଯାଇଛି, ତାହା ବହୁତ ବ୍ୟାପକ ସେଥିରେ ଆପଣମାନଙ୍କ ସହିତ କାମ କରୁଥିବା ଲୋକେ, ଆପଣଙ୍କ ଅଧିନରେ ରହି କାମ କରୁଥିବା ଲୋକେ ଏବଂ ଆପଣଙ୍କ ସହିତ ବସି ଯାତ୍ରା କରୁଥିବା ମୁସାଫିରମାନେ ମଧ୍ୟ ସାମିଲ ଅଛନ୍ତି । ଏଥିରେ କେବଳ ସେହି ଲୋକମାନେ ସାମିଲ ନୁହନ୍ତି, ଯେଉଁମାନଙ୍କର ଘର ଆପଣଙ୍କ ଘର ସହିତ ଯୋଡ଼ି ରହିଛନ୍ତି ବରଂ ଏଥିରେ ସବୁ ଲୋକମାନେ ଜଡ଼ିତ ରହିଛନ୍ତି । ରସୁଲେ କରିମ୍ ସ:ଆ:ସ କହିଛନ୍ତି ଯେ, ଆପଣଙ୍କ ଘର ଚତୁଃପାଶ୍ୱରେ ୪୦ ଟି ଘର ପଡ଼ୋଶୀମାନଙ୍କ ମଧ୍ୟରେ ସାମିଲ ତେଣୁ ଏହା କୁହାଯାଇପାରିବ ଯେ, ଏହି ସହରରେ ରହୁଥିବା ସମସ୍ତ ଲୋକମାନେ ଏହି ମସ୍‌ଜିଦ୍‌ର ତଥା ଏହି ମସ୍‌ଜିଦ୍‌ରେ ଉପାସନା କରୁଥିବା ଲୋକମାନଙ୍କର ପଡ଼ୋଶୀ ଅଟନ୍ତି । ଆମ ପଡ଼ୋଶୀ ମୁସଲମାନ ହୁଅନ୍ତୁ ବା ଅଣମୁସଲମାନ ସେମାନଙ୍କର ଧ୍ୟାନ ରଖିବା ସେମାନଙ୍କର ଅଧିକାରକୁ ପୂରଣ କରିବା ହେଉଛି ଆମର ଧାର୍ମିୟ କର୍ତବ୍ୟ ସେହିଭଳି ଏହା ମଧ୍ୟ ନିଶ୍ଚିତ କହିବା ଉଚିତ ଯେ, ଆମେ ସେମାନଙ୍କ ପାଇଁ କୌଣସି ପ୍ରକାର ସମସ୍ୟା ଓ ଅସୁବିଧା ସୃଷ୍ଟି ନ କରୁ । ଏହା ଆମ ତରଫରୁ କୌଣସି ଅନୁଗ୍ରହ ନୁହେଁ ବରଂ ଏହା ଆମର ଧର୍ମୀୟ କର୍ତବ୍ୟ । ବାସ୍ତବିକ ରସୁଲେ୍ କରିମ୍ ସ:ଆ:ସ କହିଛନ୍ତି ଯେ, ଅଲ୍ଲାଃ ତାଲା ପଡ଼ୋଶୀମାନଙ୍କ ଅଧିକାରର ଗୁରୁତ୍ୱ ପ୍ରତି ଏତେମାତ୍ରାରେ ଜୋର୍ ଦେଇଛନ୍ତି ଯେ, ମତେ ଏମିତି ଲାଗୁଛି କାଳେ ପଡ଼ୋଶୀମାନଙ୍କୁ ନିଜ ଧନସମ୍ପତିର ଉତରାଧିକାରୀ ହକ୍ ନ ମିଳିଯାଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ସଂକ୍ଷିପ୍ତରେ ଏତିକି ଯେ, ଯେଉଁ ମସ୍‌ଜିଦ୍ ଏଠି ନିର୍ମାଣ ହୋଇଛି ସେଥିରେ କେବଳ ଅଲ୍ଲାଃ ତାଲାଙ୍କୁ ଉପାସନା କରିବା ପ୍ରତି ଆମର କର୍ତବ୍ୟ ନୁହେଁ ବରଂ ତତ୍‌ସହିତ ସ୍ଥାନିୟ ସମାଜର ସେବା ଓ ସମାଜରେ ସକାରାତ୍ମକ ଅଂଶଗ୍ରହଣ କରିବାର ଦୁଇଗୁଣା ଦାୟିତ୍ୱ ବଢ଼ିଯାଇଛି । ଏଠିକାର ସ୍ଥାନିୟ ଅହେମଦୀମାନେ ଏହି ସହରର ସମସ୍ତ ଅଧିବାସୀମାନଙ୍କୁ ନିଜର ପଡ଼ୋଶୀ ଭାବନ୍ତୁ ଓ ସେମାନଙ୍କର ଅଧିକାର ପ୍ରତି ସଚେତନ ହୁଅନ୍ତୁ ଓ ନିଜ ସାମର୍ଥ୍ୟ ଅନୁସାରେ ସେମାନଙ୍କର ଅଧିକାରକୁ ପୂରଣ କରିବାପାଇଁ ଚେଷ୍ଟା କରନ୍ତୁ । ଯେତେବେଳେ ବି ଆପଣମାନଙ୍କୁ ଆମର ସାହାଯ୍ୟ ଲୋଡ଼ା ହେବ ଆମେ ଯଥା ସମ୍ଭବ ଆପଣମାନଙ୍କ ସାହାଯ୍ୟ ସହଯୋଗ କରିବାପାଇଁ ପ୍ରତିଶୃତି ଦେଉଛୁ । ମୋର ଏ ବିଶ୍ୱାସ ଯେ, ଏଠିକାର ସ୍ଥାନିୟ ଅହେମଦୀ ମୁସଲମାନମାନେ ସ୍ଥାନିୟ ଲୋକମାନଙ୍କ ପ୍ରତି ଥିବା କର୍ତବ୍ୟକୁ ଅତ୍ୟନ୍ତ ନିଷ୍ଠାର ସହିତ ସମ୍ପାଦନ କରିବେ, ଓ ସର୍ବଦା ଏହି ସହରରେ ନିଜର କର୍ତବ୍ୟକୁ ଯଥାଚିତ ସମ୍ପାଦନ କରିବାପାଇଁ ଚେଷ୍ଟା କରିବେ । ସେହିଭଳି ଏହି ସହର ପ୍ରତି ନିଷ୍ଠାବାନ ଓ ସହରର ସୁଭାକାଙ୍କ୍ଷିଂ ହୋଇ ରହିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହି କଥାର ଆଲୋକରେ ମୁଁ ଏହି ଅବସରରୁ ଲାଭ ଉଠାଇ ସ୍ଥାନିୟ ଅହେମଦୀ ମୁସଲମାନମାନଙ୍କୁ ମଧ୍ୟ ଧ୍ୟାନ ଆକର୍ଷଣ କରିବାପାଇଁ ଚାହିଁବି ଯେ ସେମାନଙ୍କୁ ସର୍ବଦା ଉଚ୍ଚ ଚାରିତ୍ରିକ ଓ ନୈତିକ ପ୍ରଦର୍ଶନ କରିବା ଉଚିତ ଓ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହୋଇ ସମାଜର ସେବା କରିବା ଉଚିତ । ଆଶା କରୁଛି ଯେ, ଆପଣମାନେ ଧର୍ମପରାୟଣ ହୋଇ ଅତ୍ୟନ୍ତ ସନ୍ତର୍ପଣ ର ସହିତ ଓ ନିଷ୍ଠାର ସହିତ ପଡ଼ୋଶୀମାନଙ୍କର ଓ ଅନ୍ୟାନ୍ୟ ସ୍ଥାନିୟ ଲୋକମାନଙ୍କର ମନ ଭିତରେ ଥିବା ଇସ୍‌ଲାମ ପ୍ରତି ଶଙ୍କା, ସନ୍ଦେହ ଓ ଭୁଲ୍ ଧାରଣାକୁ ଦୁର କରିବାପାଇଁ ଚେଷ୍ଟା କରିବେ । ଇନ୍‌ଶାଅଲ୍ଲାଃ

***କ୍ରମଶଃ......***

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଅବୁବକର ର:ଅ ହେଉଛନ୍ତି ଆମ ସର୍ଦ୍ଦାର ଓ ସେ ଆମ ସର୍ଦ୍ଦାର ଅର୍ଥାତ ବିଲାଲ୍‌ଙ୍କୁ ସ୍ୱାଧିନ କରିଛନ୍ତି । (ହଜ୍‌ରତ୍ ଉମର୍)

---

ହଜ୍‌ରତ୍ ବିଲାଲ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ସାରା ଜୀବନରେ ତାଙ୍କ ପାଇଁ ଯାତ୍ରା କରିବା ସମୟରେ ହେଉ ବା ଘରେ ହେଉ, ସବୁସ୍ଥାନରେ ମୁଅଜ୍ଜଦ (ଅର୍ଥାତ ନମାଜ ନିମନ୍ତେ ଡ଼ାକିବାବାଲା) ରହିଛନ୍ତି । ହଜ୍‌ରତ୍ ବିଲାଲ୍ ଇସ୍‌ଲାମ୍‌ରେ ପ୍ରଥମ ବ୍ୟକ୍ତି ଥିଲେ ଯିଏ ସର୍ବପ୍ରଥମେ ଅଜାନ୍ ଦେଇଥିଲେ ।

## ରସୁଲୁଲ୍ଲାଃ ସ:ଆ:ସଙ୍କ ମୁଅଜ୍ଜିନ୍, ହବ୍‌ଶାର ପ୍ରଥମ ମୁସଲମାନ ଏବଂ ମହାନ ବଦ୍‌ରି ସାହାବି ହଜ୍‌ରତ୍ ବିଲାଲ ବିନ୍ ରବାହ୍ ର:ଅଙ୍କ ଉତମ ଗୁଣାବଲୀ ଓ ଜୀବନ ଚରିତର ଚର୍ଚ୍ଚା

ଚାରିଜଣ ମରହୁମୀନ୍ ଅଜିଜମ୍ ରଉଫ୍ ବିନ୍ ମକ୍‌ସୁଦ୍ ଜୁନିୟର୍ ଯାମିଆ ଅହେମଦୀୟା ୟୁ.କେ ର ବିଦ୍ୟାର୍ଥୀ ଓ ବେଲ୍‌ଜିୟମ୍ ନିବାସୀ, ମୋକରମ୍ ଜଫର୍ ଇକ୍‌ବାଲ କୁରୈଶୀ ସାହେବ (ପୂର୍ବତନ ନାଏବ ଅମୀର୍ ଇସ୍‌ଲାମାବାଦ, ପାକିସ୍ତାନ), ଅନରେବଲ୍ କାବିନା କାବାଜା କାଟା ସାହେବ ଅଫ୍ ସିନିଗାଲ୍ ଏବଂ ମୋକରମ୍ ମୁବଶିର୍ ଲତିଫ୍ ସାହେବ ଆଡ୍‌ଭୋକେଟ ଅଫ୍ ଲାହୋର ୯ବର୍ତମାନ ରହଣି କାନାଡ଼ା) ନିବାସୀଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୧୧ ସେପ୍ଟେମ୍ବର ୨୦୨୦ ଅନୁଯାୟୀ ୧୧ ତବୁକ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଆଜି ମୁଁ ଯେଉଁ ବଦରୀ ସାହାବିଙ୍କ ଚର୍ଚ୍ଚା କରିବି ସେ ହେଲେ ହଜ୍‌ରତ୍ ବିଲାଲ୍ ବିନ୍ ରବାହ ର:ଅ । ହଜ୍‌ରତ୍ ବିଲାଲ୍ ବିନ୍ ରବାହ୍ ର:ଅଙ୍କ ପିତାଙ୍କ ନାମ ରବାହ୍ ଥିଲା ଓ ମାତାଙ୍କ ନାମ ହମାମା । ହଜ୍‌ରତ୍ ବିଲାଲ୍ ବିନ୍ ରବାହ୍ ର:ଅ ଉମୈୟା ବିନ୍ ଖଲ୍‌ଫଙ୍କ ଦାସ ଥିଲେ । ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅଙ୍କ କୁନିୟତ ଅବୁ ଅବଦୁଲ୍ଲାଃ ଥିଲା । ଆଉ ଏକ ବର୍ଣ୍ଣନା ଅନଯାୟୀ ଅବୁ ଅବ୍‌ଦୁର୍ ରହ୍‌ମାନ ଓ ଅବଦୁଲ୍ଲ କରିମ୍, ଅବୁ ଉମୈରା, ଅବୁ ଉମ୍‌ରୋ ଥିବାର ମଧ୍ୟ ଉଲ୍ଲେଖ ରହିଛି । ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅଙ୍କ ମାତା ହବ୍‌ଶାର ବାସିନ୍ଦା ଥିଲେ କିନ୍ତୁ ପିତା ଆରବ ଦେଶର ଥିଲେ । ଐତିହାସିକମାନେ ଲେଖିଛନ୍ତି ଯେ ସେ ହବ୍‌ଶା ସାମି ବଂଶଧର ଥିଲେ ଅର୍ଥାତ ପୁରାତନ ଯୁଗରେ କେତେକ ଆରବୀ ଗୋଷ୍ଠୀ ଆଫ୍ରିକା ଚାଲିଯାଇ ସେଠାକାର ସ୍ଥାୟୀ ବାସିନ୍ଦା ହୋଇଯାଇଥିଲେ ଏବଂ ସେଠାକାର ଜଳବାୟୁ ପ୍ରଭାବରେ ସେମାନଙ୍କ ଆସନ୍ତା ପୀଢ଼ୀର ରଙ୍ଗରୂପ ଆଫ୍ରିକୀୟଙ୍କ ପରି ହୋଇଗଲା କିନ୍ତୁ ସେଠାକାର ବିଶେଷ ଅଭ୍ୟାସ ଓ ଆଚରଣ ସେମାନଙ୍କ ମଧ୍ୟରେ ପ୍ରତିୟମାନ ହେଲାନାହିଁ । ପରବର୍ତୀ ସମୟରେ ସେମାନଙ୍କ ମଧ୍ୟରୁ କେତେକ କ୍ରୀତଦାସ ହୋଇ ଆରବ ଫେରିଆସିଥିଲେ କିନ୍ତୁ ଯେହେତୁ ସେମାନଙ୍କ ବର୍ଣ୍ଣ କୃଷ୍ଣବର୍ଣ୍ଣ ଥିଲା ତେଣୁ ଆରବ ସେମାନଙ୍କୁ ହବ୍‌ସି ଅର୍ଥାତ ଇଥିଓପିୟାର ବାସିନ୍ଦା ମଣୁଥିଲେ ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ବିଲାଲ ମକ୍କାରେ ଜନ୍ମଗ୍ରହଣ କରିଥିଲେ ଏବଂ ମୁଅଲ୍ଲଦୀନ୍ ଅର୍ଥାତ ଯେ ପୁର୍ଣ୍ଣରୂପେ ଆରବ ନୁହନ୍ତି, ସେମାନଙ୍କ ମଧ୍ୟରୁ ଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ସେ ସୁରାଅତ୍‌ଠାରେ ଜନ୍ମଗ୍ରହଣ କରିଥିଲେ ଯାହାକି ୟମନ୍ ଓ ହବ୍‌ସା ନିକଟବର୍ତୀ ଅଂଚଳ ଅଟେ । ଯେଉଁସ୍ଥଳେ ବର୍ଣ୍ଣଶଙ୍କର ଲୋକ ଅଧିକାଂଶ ସଂଖ୍ୟାରେ ମିଳିଥାନ୍ତି ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୪-୧୭୫............ ବେରୁତ ୨୦୧୭)*
*(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୪୧୫.......... ଲେବ୍‌ନାନ୍୨୦୦୮)*
*(ରୌଶନ୍ ସିତାରେ, ଖଣ୍ଡ-୧, ପ-୧୪୫)*

ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅଙ୍କ ବର୍ଣ୍ଣ ଗହମ ପରି କୃଷ୍ଣବର୍ଣ୍ଣ ଥିଲା, ଶରିରର ଆକାର ପତଳା ଓ ମୁଣ୍ଡରେ ଘନକେଶ ରହିଥିଲା ଏବଂ ଗାଲରେ ମାଂସ ଖୁବ୍ କମ୍ ରହିଥିଲା ।

*(ରୌଶନ୍ ସିତାରେ, ଖଣ୍ଡ-୧, ପ-୧୪୫)*

ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅ ଏକାଧିକ ବିବାହ କରିଥିଲେ, ତାଙ୍କର କେତେକ ପତ୍ନୀ ଆରବର ଅତ୍ୟନ୍ତ ସମ୍ଭ୍ରାନ୍ତ ଓ ସଦାଚାର ପରିବାର ସହ ସମ୍ପର୍କ ରଖୁଥିଲେ । ଆପଣଙ୍କ ଗୋଟିଏ ପତ୍ନୀଙ୍କ ନାମ ହାଲା ବିନ୍‌ତେ ଅଓଫ୍ ଥିଲା ଯେ କି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କ ଭଗିନୀ ଥିଲେ । ଆଉ ଜଣେ ପତ୍ନୀଙ୍କ ନାମ  ହିନ୍ଦ ଖୌଲାନିୟା ବନୁ ଅବୁ ବୁକୈର ବଂଶରେ ମଧ୍ୟ ହଜୁର ସ:ଆ:ସ ତାଙ୍କ ବିବାହ କରାଇଥିଲେ । ହଜ୍‌ରତ୍ ଅବୁ ଦର୍‌ଦା ର:ଅଙ୍କ ପରିବାରରେ ମଧ୍ୟ ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅଙ୍କ ବନ୍ଧୁଘର ଅର୍ଥାତ ବିବାହ ହୋଇଥିଲା ଯଦିଚ କାହାରିଠାରୁ ତାଙ୍କୁ ସନ୍ତାନ ପ୍ରାପ୍ତି ହୋଇନଥିଲା ।

*(ସିରସ ସାହାବା ଖଣ୍ଡ-୨..... ପୃ-୧୫୯... କରାଚି ୨୦୦୪)*
*(ଅଲ୍‌ଅସାବାଃ....... ଖଣ୍ଡ-୮, ପୃ-୩୩୯.......... ବେରୁତ ୨୦୦୫) (ତାରିଖେ ଦମ୍‌ଶକ..... ଖଣ୍ଡ-୧୦, ପୃ-୩୩୪..... ବେରୁତ ୨୦୦୧)*

ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅଙ୍କର ଜଣେ ଭାଇ ଥିଲେ ଯାହାଙ୍କ ନାମ ଖାଲିଦ୍ ଥିଲା ଏବଂ ଜଣେ ଭଉଣୀ ମଧ୍ୟ ଥିଲେ, ଯାହାଙ୍କ ନାମ ଗଫିରା ଥିଲା ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୪୧୮.......... ବେରୁତ ୨୦୧୬)*

ହଜୁର ସ:ଆ:ସ କହିଲେ, ବିଲାଲ୍ ହଫ୍‌ସାବାସୀଙ୍କ ମଧ୍ୟରୁ ସର୍ବପ୍ରଥମେ ବିଶ୍ୱାସ ଆଣିଛନ୍ତି ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୫............ ବେରୁତ ୨୦୧୭)*

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ କହିଲେ, ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାରେ ଅନ୍ୟମାନଙ୍କଠାରୁ ଆଗକୁ ବଳିଯିବାରେ ଯେଉଁମାନେ ଥିଲେ ସେମାନେ ହେଉଛନ୍ତି ଚାରିଜଣ, ମୁଁ ଆରବମାନଙ୍କ ମଧ୍ୟରେ ସର୍ବପ୍ରଥମ, ସଲ୍‌ମାନ ଫାର୍ସୀମାନଙ୍କ ମଧ୍ୟରେ ସର୍ବପ୍ରଥମ, ବିଲାଲ ହବ୍‌ଶିମାନଙ୍କ ମଧ୍ୟରେ ସର୍ବପ୍ରଥମ ଏବଂ ସୋହେବ ରୋମୀମାନଙ୍କ ମଧ୍ୟରେ ସର୍ବପ୍ରଥମ ।

*(ସଏରେ ଏଲାମ୍..... ଖଣ୍ଡ-୧, ପୃ-୩୪୯....୨୦୧୪)*

ଉରୱା ବିନ୍ ଜୁବୈର୍ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅ ସେହି ଲୋକମାନଙ୍କ ମଧ୍ୟରୁ ଥିଲେ ଯିଏ ଦୃବଳ ଶ୍ରେଣୀରେ ଗଣାଯାଉଥିଲେ, ଯିଏ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାପରେ ଅନେକ ପ୍ରକାର ଅତ୍ୟାଚାର ଓ ନିର୍ଯ୍ୟାତନାରେ ପ୍ରତାଡ଼ିତ ହୋଇଥିଲେ ଯଦ୍ୱାରା ସେମାନେ ସ୍ୱଧର୍ମ ପରିତ୍ୟାଗ କରିଦିଅନ୍ତୁ କିନ୍ତୁ ସେ କଦାପି ସେହି ଅତ୍ୟାଚାରୀଙ୍କ ସମ୍ମୁଖରେ ଅଲ୍ଲାଃ ତାଲାଙ୍କ ଅସ୍ୱୀକାର କରିନଥିଲେ, ତାଙ୍କୁ ଉମେୟା ବିନ୍ ଖଲ୍‌ଫ ଅନେକ ପ୍ରକାର କଷଣ ଦେଇଥିଲା ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୫............ ବେରୁତ ୨୦୧୭)*

ଯେତେବେଳେ କଷଣ ଚରମ ସୀମାକୁ ପହଂଚିଯାଉଥିଲା ଅର୍ଥାତ ଅତ୍ୟଧିକ କଷ୍ଟ ଦିଆଯାଉଥିଲା ସେତେବେଳେ ସେ ଅହଦ୍‌ର ସ୍ୱର ଉଚ୍ଚାରଣ କରୁଥିଲେ । ଲୋକେ ତାଙ୍କୁ କହୁଥିଲେ, ତୁମେ ଏପରି କୁହ ଯେପରି ଆମେ କହୁଛୁ, ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅ

ତାଙ୍କୁ ଉତର ଦେଉଥିଲେ ମୋ ଜିହ୍ୱା ଏହିପରି ହିଁ ଉଚ୍ଚାରଣ କରିବାପାଇଁ ସକ୍ଷମ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅଙ୍କୁ ଯେତେବେଳେ ଅମାନ୍ୟକାରୀମାନେ ନିର୍ଯ୍ୟାତନା ଦେଉଥିଲେ, ସେତେବେଳେ ସେ ଅଲ୍ଲାଃ ଅଲ୍ଲାଃ କହୁଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୨୮୩.......... ବେରୁତ ୨୦୦୩)*
*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୫............ ବେରୁତ ୨୦୧୭)*

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ବିଲାଲ ଯେତେବେଳେ ବିଶ୍ୱାସ ଆଣିଲେ, ସେତେବେଳେ ତାଙ୍କ ମାଲିକ ତାଙ୍କୁ ଧରି ଭୂପୃଷ୍ଠରେ ଶୁଆଇ ଦେଉଥିଲେ ଏବଂ ତାଙ୍କ ଉପରେ ପଥର ବର୍ଷଣ କରୁଥିଲେ, ପୁଣି ଗାଇର ଚମଡ଼ା ପକାଇ ତାଙ୍କ ଉପରେ ଓଢ଼ାଇ ଦେଉଥିଲେ ଏବଂ କହୁଥିଲେ, ତୁମ ଠାକୁର ହେଉଛନ୍ତି ଲାତ୍ ଓ ଉଜ୍ଜା, କିନ୍ତୁ ସେ ଅହଦ୍ ଅହଦ୍ ର ଶବ୍ଦ ହିଁ ଉଚ୍ଚାରଣ କରୁଥିଲେ । ତାଙ୍କ ମାଲିକମାନଙ୍କ ନିକଟକୁ ହଜ୍‌ରତ୍ ଅବୁବକର ଆସିଲେ ଏବଂ କହିଲେ, ଏହି ଅସହାୟ୍ୟ ଓ ନିରାଶ୍ରୟ ବ୍ୟକ୍ତି ଉପରେ ଆଉ କେତେ ଅତ୍ୟାଚାର କରିବ ଅତଏବ ସେ ତାଙ୍କୁ ସାତ ଉକିୟାରେ କ୍ରୟ କରି ସ୍ୱାଧୀନ କରିଦେଲେ ଗୋଟିଏ ଉକିୟା ହେଉଛି ଚାଳିଶି ଦିର୍‌ହମ୍ । ଅର୍ଥାତ ଦୁଇଶହ ଅଶି ଦିର୍‌ହମ୍ ଅର୍ଥାତ ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅଙ୍କୁ ହଜ୍‌ରତ୍ ଅବୁବକର ର:ଅ ସାତ ଓ୍ୱକିୟା ଯାହାର ପରିମାଣ ୪୦ ଦିର୍‌ହମ୍ ହିସାବରେ ଅର୍ଥାତ ଗୋଟିଏ ଓ୍ୱକିୟାର ପରିମାଣ ୪୦ ଦିର୍‌ହମ୍ ହିସାବରେ ୨୮୦ ଦିର୍‌ହମ୍ ପ୍ରଦାନ କରି ତାଙ୍କୁ ସ୍ୱାଧୀନ କରିଦେଇଥିଲେ । ଏହି ଘଟଣା ବିଷୟରେ ଯେତେବେଳେ ସେ ହଜୁର ସ:ଆ:ସଙ୍କ ନିକଟରେ କଲେ, ସେତେବେଳେ ହଜୁର ସ:ଆ:ସ କହିଲେ, ହେ ଅବୁବକର ମୋତେ ମଧ୍ୟ ଏଥିରେ ସାମିଲ କରିଦିଅ । ପ୍ରତିଉତରରେ ହଜ୍‌ରତ୍ ଅବୁବକର ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ମୁଁ ତାକୁ ସ୍ୱାଧିନ କରିଦେଇଛି ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୫............ ବେରୁତ ୨୦୧୭) (ଲୁଗାତୁଲ୍ ହଦିସ୍, ଖଣ୍ଡ-୪, ପୃ-୫୨୭..... ଲାହୋର୍)*

ଆଉ କେତେକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅବୁବକର ପାଂଚ ଓ୍ୱକିୟା ଅର୍ଥାତ ୨୦୦ ଦିର୍‌ହମ୍‌ରେ କ୍ରୟ କରି ତାଙ୍କୁ ସ୍ୱାଧିନ କରିଥିଲେ ପୁଣି ଏକ ବର୍ଣ୍ଣନାରେ ୯ ଓ୍ୱକିୟାରେ କିଣିଥିବାର ମଧ୍ୟ ଉଲ୍ଲେଖ ରହିଛି । ଅର୍ଥାତ ୩୬୦ ଦିର୍‌ହମ୍‌ରେ ତାଙ୍କୁ ଖରିଦ କରିଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୪୧୫.......... ଲେବ୍‌ନାନ୍ ୨୦୧୬)*

ଗୋଟିଏ ବର୍ଣ୍ଣନାରେ ହଜ୍‌ରତ୍ ଅବୁବକର ଯେତେବେଳେ ତାଙ୍କୁ କ୍ରୟ କଲେ, ସେତେବେଳେ ସେ ପଥର ତଳେ ଦବି ପଡ଼ିଥିଲେ । ସେ ତାଙ୍କୁ ସୁନାର ପାଂଚ ଓ୍ୱକିୟାରେ ଖରିଦ କରି ସ୍ୱାଧିନ କରିଥିଲେ । ଲୋକେ ହଜ୍‌ରତ୍ ଅବୁବକର ର:ଅଙ୍କୁ କହିଲେ, ଆପଣ ଯଦି ମାତ୍ର ଗୋଟିଏ ଓ୍ୱକିୟା ଅର୍ଥାତ ୪୦ ଦିର୍‌ହମ୍ ଦେଇଥାନ୍ତେ, ତେବେ ସୁଦ୍ଧା ଆମେ ଆପଣଙ୍କ ହସ୍ତରେ ହଜ୍‌ରତ୍ ବିଲାଲ୍ ବିନ୍ ରବାଃ ର:ଅଙ୍କୁ ଟେକି ଦେଇଥାନ୍ତୁ । ଏଥିରେ ହଜୁର ଅବୁବକର ର:ଅ କହିଲେ, ଯଦି ତୁମେ ତାଙ୍କ ମୁଲ୍ୟ ଶହେ ଓ୍ୱକିୟା ଅର୍ଥାତ ୪ ହଜାର ଦିର୍‌ହମ୍ ଧାର୍ଯ୍ୟ କରିଥାନ୍ତ ତାହେଲେ ମଧ୍ୟ ମୁଁ ତାଙ୍କୁ ସେହି ମୂଲ୍ୟ ପ୍ରଦାନ କରି କ୍ରୟ କରିନେଇଥାନ୍ତି । *(ସିରେ ଏଲାମ୍..... ଖଣ୍ଡ-୧, ପୃ-୩୫୩.....୨୦୧୪)*

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି ମୋ ପିତା ସାତ ଜଣ ଏହିପରି କ୍ରୀତାଦାସଙ୍କୁ ଖରିଦ କରି ସ୍ୱାଧିନ କରିଥିଲେ ଯାହାଙ୍କୁ ଅନେକ କଷଣ ଦିଆଯାଉଥିଲା । ସେମାନଙ୍କ ମଧ୍ୟରେ ହଜ୍‌ରତ୍ ବିଲାଲ୍ ର:ଅ, ହଜ୍‌ରତ୍ ଆମୀର୍ ବିନ୍ ଫହିରା ଅନ୍ୟତମ ଥିଲେ ।

*(ଅଲ୍‌ମୁସ୍ତଦ୍‌ରକ୍.... ଖଣ୍ଡ-୩, ପୃ-୩୨୧, ହଦିସ୍-୫୨୪୧)*

ହଜରତ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ବର୍ଣ୍ଣନା କରନ୍ତି କି, ହଜରତ ଉମର ର:ଅ କହୁଥିଲେ ହଜ୍‌ରତ୍ ଅବୁବକର ଆମ ସର୍ଦ୍ଦାର ଅଟନ୍ତି ସେ ଆମ ସର୍ଦ୍ଦାର ହଜ୍‌ରତ୍ ବିଲାଲ୍ ର:ଅଙ୍କୁ ସ୍ୱାଧିନ କରିଛନ୍ତି । *(ସହି ବୁଖାରୀ..... ହଦିସ୍ ୩୭୫୪)*

ହଜ୍‌ରତ୍ ବିଲାଲ୍ ର:ଅଙ୍କୁ ଯେଉଁ କଷଣ ଦିଆଯାଉଥିଲା ସେହି ପ୍ରସଙ୍ଗରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କୁହନ୍ତି, ହଜୁର ସ:ଆ:ସଙ୍କ ଉପରେ ଯେଉଁ କ୍ରୀତଦାସମାନେ ବିଶ୍ୱାସ ଆଣିଥିଲେ ସେମାନେ ବିଭିନ୍ନ ଗୋଷ୍ଠୀର ଥିଲେ ଯେପରି ବିଲାଲ୍ ହବ୍‌ଶାର ଥିଲେ, ସୋହେବ ରୋମ୍‌ର ଥିଲେ, ଜୁବୈର୍ ଖ୍ରୀଷ୍ଟଧର୍ମାଲମ୍ବୀ ଥିଲେ ଏବଂ ପ୍ରତିମା ପୂଜକ ମଧ୍ୟ ଥିଲେ, ଉଦାହରଣ ସ୍ୱରୁପ ବିଲାଲ୍ ର:ଅ ଏବଂ ଅମାର ର:ଅ । ହଜ୍‌ରତ୍ ବିଲାଲ୍ ର:ଅଙ୍କୁ ତାଙ୍କ ମାଲିକ ଉତପ୍ତ ବାଲୁକାରେ ଶୁଆଇ ଦେଉଥିଲେ ଏବଂ ତାଙ୍କ ଉପରେ ପ୍ରସ୍ତର ଖଣ୍ଡ ରଖି ଦେଉଥିଲେ ଅବା ଯୁବକମାନଙ୍କୁ ତାଙ୍କ ଉପରେ ଡ଼ିଆଁ ମାରିବାକୁ କହୁଥିଲେ । ସେ ଉମୈୟା ବିନ୍ ଖଲଫ୍‌ଙ୍କର କ୍ରୀତଦାସ ଥିଲେ, ଉମୈୟା ତାଙ୍କୁ ଗ୍ରୀଷ୍ମତାପରେ ଠିକ୍ ମଧ୍ୟାହ୍ନରେ ମକ୍କା ବାହାରକୁ ନେଇ ଉଲଗ୍ନ କରି ଉତପ୍ତ ବାଲୁକା ଉପରେ ଶୁଆଇ ଦେଉଥିଲା ଏବଂ ବଡ଼ ବଡ଼ ଉତପ୍ତ ପ୍ରସ୍ତର ଖଣ୍ଡ ତାଙ୍କ ଛାତି ଉପରେ ଲଦି ଦେଉଥିଲା ଏବଂ କହୁଥିଲା ଅହଦ୍ ଲାତ୍ ଓ ଉଜ୍ଜାକୁ ନିଜ ଆରାଧ୍ୟ ଦେବତା ସ୍ୱୀକାର କର ଏବଂ ମୁହମ୍ମଦ ସ:ଆ:ସଙ୍କଠାରୁ ନିଜକୁ ଅଲଗା କରିନିଅ । ପ୍ରତିଉତରରେ ସେ ଅହଦ୍ ଅହଦ୍ କହୁଥିଲେ ଅର୍ଥାତ ଅଲ୍ଲାଃ ହେଉଛନ୍ତି ଏକ ଓ ଅଦ୍ୱିତୀୟ । ବାରମ୍ୱାର ଆପଣଙ୍କର ଏହି ଉତର ଶୁଣି ଉମୈୟା କ୍ରୋଧରେ ଅଧିକ ଜର୍ଜରିତ ହୋଇ ଉଠୁଥିଲା ଏବଂ ହଜ୍‌ରତ୍ ବିଲାଲ୍ ର:ଅଙ୍କ ବେକରେ ରସି ଲଗାଇ ଦୁଷ୍ଟଲୋକମାନଙ୍କ ହାତରେ ଟେକି ଦେଉଥିଲା ଏବଂ କହୁଥିଲା ଯାକୁ ନେଇ ମକ୍କାର ଗଳିର ପଥର ଉପରେ ଘୋଷାଡ଼ି ଘୋଷାଡ଼ି ଚାଲିଯାଅ ଯଦ୍ୱାରା ତାଙ୍କ ଶରୀର ରକ୍ତରେ ଭିଜି ଯାଉଥିଲା । ଏତେ ଅତ୍ୟାଚାର ହେବା ସତ୍ୱେ ମଧ୍ୟ ସେ ଅହଦ୍ ର ଶବ୍ଦ ହିଁ ଉଚ୍ଚାରଣ କରୁଥିଲେ । କିଛି କାଳପରେ ଯେତେବେଳେ ପ୍ରଭୁ ମୁସଲମାନମାନଙ୍କୁ ମଦିନାରେ ଶାନ୍ତି ପ୍ରଦାନ କଲେ । ହଜ୍‌ରତ୍ ଖଲିଫତୁଲ୍ ସାନୀ ର:ଅ କୁହନ୍ତି ଅଲ୍ଲାଃ ତାଲା ଯେତେବେଳେ ମୁସଲମାନମାନଙ୍କୁ ମଦିନାରେ ଶାନ୍ତି ପ୍ରଦାନ କଲେ ଏବଂ ମୁସଲମାନମାନେ ସ୍ୱାଧିନତା ପୂର୍ବକ ଅଲ୍ଲାଃ ତାଲାଙ୍କର ଉପାସନା କରିବାକୁ ସମର୍ଥ ହେଲେ । ସେତେବେଳେ ରସୁଲେ୍ କରିମ୍ ସ:ଆ:ସ ବିଲାଲ ର:ଅଙ୍କୁ ଅଜାନ୍ ଦେବାପାଇଁ ନିୟୋଜିତ କଲେ । ଏହି ହବ୍‌ଶି ଦାସ ଯେତେବେଳେ ଅଜାନ୍ ରେ ଅଶ୍‌ହଦୁ ଅନ୍‌ଲାଇଲାହା ଉଲ୍ଲଲ୍ଲାହୁ ପରିବର୍ତେ ଅସ୍‌ହଦୁ ପଢୁଥିଲେ ସେତେବେଳେ ମଦିନାର ଲୋକେ ଯେଉଁମାନେ ତାଙ୍କର ଅଣଆରବୀୟ ହେବା ପ୍ରସଙ୍ଗରେ ଅପରିଚିତ ଥିଲେ ସେମାନେ ବିଲାଲ୍ ର:ଅଙ୍କୁ ଉପହାସ କରୁଥିଲେ । ଏକଦା ରସୁଲେ୍ କରିମ୍ ସ:ଆ:ସ ହଜ୍‌ରତ୍ ବିଲାଲ୍ ର:ଅଙ୍କ ଅଜାନ୍ ବେଳେ ସେହି ଲୋକମାନଙ୍କୁ ହସୁ ଥିବାର ଦେଖିଲେ, ସେତେବେଳେ ହଜୁର ସ:ଆ:ସ ସେମାନଙ୍କ ଆଡ଼କୁ ବୁଲି କହିଲେ, ତୁମେମାନେ ହଜ୍‌ରତ୍ ବିଲାଲ୍ ର:ଅଙ୍କ ଅଜାନ୍ ଦେବାରେ ହସୁଛ କିନ୍ତୁ ଅଲ୍ଲାଃ ତାଲା ତ ଅର୍ଶ ଉପରେ, ଅର୍ଥାତ ସ୍ୱର୍ଗରେ ତାଙ୍କ ଅଜାନ୍ ଶୁଣି ଖୁବ୍ ଆନନ୍ଦିତ ହେଉଛନ୍ତି । ଏଥିରେ ହଜୁର ସ:ଆ:ସଙ୍କ ଏପରି ଇଙ୍ଗିତ କରିବା ପଛରେ ଉଦ୍ଦେଶ୍ୟ ଏହା ଥିଲା ଯେ, ତୁମମାନଙ୍କୁ ଏହା ବିଦିତ ହେଉଛି ଯେ, ଶିନ୍ ଉଚ୍ଚାରଣ କରିପାରୁନାହାନ୍ତି କିନ୍ତୁ ଶିନ୍ ଓ ସିନ୍ ମଧ୍ୟରେ କଣ ଅଛି ? ଅର୍ଥାତ ଆରବୀ ଶବ୍ଦ ସିନ୍ ଆଉ ଶିନ୍ ମଧ୍ୟରେ କୌଣସି ଅନ୍ତର ଯଦି ରହିଛି ତାହେଲେ ତାଙ୍କ ପାଇଁ ତାହା ପ୍ରଯୁଜ୍ୟ ନୁହଁ । ଅଲ୍ଲାଃ ତାଲା ଜାଣନ୍ତି ଯେତେବେଳେ ଉତପ୍ତ ବାଲିରେ ତାଙ୍କୁ ଫୁଙ୍ଗୁଳା ପିଠିରେ ଓଲଟା ଶୁଆଇ ଦିଆଯାଉଥିଲା ଏବଂ ତାଙ୍କ ଛାତିରେ ପଥରମାନ ଲଦି ଦିଆଯାଉଥିଲା ଓ ଅତ୍ୟାଚାରୀମାନେ ତାଙ୍କ ଉପରେ ଡ଼େଉଁଥିଲେ ଏବଂ ତାଙ୍କୁ ପ୍ରଶ୍ନ କରୁଥିଲେ ଯେ ବର୍ତମାନ ଏଥିରୁ କିଛି ଶିକ୍ଷା ହାସଲ କରିଲୁ କି ନାହିଁ । ସେ ସେଥିରେ ଅହଦ୍ ଅହଦ୍ ର ଉଚ୍ଚାରଣ କରୁଥିଲେ ଅର୍ଥାତ ଅଲ୍ଲାଃ ତାଲାଙ୍କ ଏକଶ୍ୱରବାଦର ଘୋଷଣା କରୁଥିଲେ ଏବଂ ନିଜ ବିଶ୍ୱସ୍ଥତା ଓ ଏକଶ୍ୱରବାଦର ଆସ୍ଥା ଓ ବିଶ୍ୱାସକୁ ନିଜ ହୃଦୟରେ ଥିବା ଦୃଢ଼ ବିଶ୍ୱାସକୁ ବଜାୟ ରଖୁଥିଲେ ଏବଂ ନିଜ ବିଶ୍ୱାସକୁ ହରାଇ ନଥିଲେ । ସୁତରାଂ ତାଙ୍କର ଅସ୍‌ହଦ୍ ଅନେକ ଲୋକଙ୍କ ଅଶ୍‌ହଦ୍ ପଢ଼ିବାଠାରୁ ଅଧିକ ମୂଲ୍ୟବାନ ଥିଲା । ହଜ୍‌ତର୍ ଅବୁବକର ତାଙ୍କର ଦୁଃଖ ସହି ନ ପାରି ତାଙ୍କୁ କିଣି ସ୍ୱାଧିନ କରିଦେଇଥିଲେ । *(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୧୯୩-୧୯୪)*

ହଜ୍‌ରତ୍ ବିଲାଲ୍ ର:ଅ ସେହି ପ୍ରାଥମିକ ବିଶ୍ୱାସକାରୀଙ୍କ ମଧ୍ୟରେ ପରିଗଣିତ ହୁଅନ୍ତି ଯିଏ ଏଭଳି ସମୟରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ଘୋଷଣା କଲେ, ସେତେବେଳେ କେବଳ ସାତଜଣ ବ୍ୟକ୍ତି ହିଁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାର ଘୋଷଣା କରିଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୬............ ବେରୁତ ୨୦୧୭)*

ହଜ୍‌ରତ୍ ଅବଦୁଲ୍ଲାଃ ବିନ୍ ମସଉଦ ର:ଅ ବର୍ଣ୍ଣନା କରନ୍ତି, ସର୍ବପ୍ରଥମେ ଯେଉଁମାନେ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବାର ପରିପ୍ରକାଶ କରିଥିଲେ ଓ ଘୋଷଣା କରିଥିଲେ ସେମାନେ ସାତ ଜଣ ଥିଲେ ଯେପରି କି, ମୁଁ ଚର୍ଚ୍ଚା କରିଆସିଲି । ହଜ୍‌ରତ୍ ମୁହମ୍ମଦ ସ:ଆ:ସ, ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଅମାର୍ ଓ ତାଙ୍କ ମାତା ସୁମୈୟା, ହଜ୍‌ରତ୍ ସୋହେବ୍, ହଜ୍‌ରତ୍ ବିଲାଲ୍ ର:ଅ ଓ ହଜ୍‌ରତ୍ ମିକ୍‌ଦାଦ୍ । ଅତଏବ ହଜୁର ସ:ଆ:ସଙ୍କୁ ତାଙ୍କ ଚଚା ଅବୁ ତାଲିବ୍‌ଙ୍କ ମାଧ୍ୟମରେ ଅଲ୍ଲାଃ ତାଲା ସୁରକ୍ଷା ପ୍ରଦାନ କରିଦେଇଥିଲେ ଏବଂ ହଜ୍‌ରତ୍ ଅବୁବକରଙ୍କୁ ତାଙ୍କ ଗୋଷ୍ଠୀ ଦ୍ୱାରା ସୁରକ୍ଷା ମିଳିଯାଇଥିଲା । ଯେପରି କି ମୁଁ ଗତ ଖୁତ୍‌ବାରେ ବର୍ଣ୍ଣନା କରିଥିଲି, ହଜରତ ମୁହମ୍ମଦ ସ:ଆ:ସ ନା ଶତୃର ଅତ୍ୟାଚାର ଓ ଅନ୍ୟାୟରୁ ସୁରକ୍ଷିତ ଥିଲେ ନା ହଜ୍‌ରତ୍ ଅବୁବକର ର:ଅ ସୁରକ୍ଷିତ ଥିଲେ । ଯଦିଚ ପ୍ରାରମ୍ଭିକ ପ୍ରଯ୍ୟାୟରେ ଶତୃ ଏଭଳି କଠୋର ଆଚରଣ ପ୍ରଦର୍ଶନ କରିନଥିଲେ କିନ୍ତୁ ପରବର୍ତୀ ସମୟରେ ସେମାନେ ଏଥିରେ ଢ଼େର ଅଧିକ କଠୋର ହୋଇଯାଇଥିଲେ । ଅପରପକ୍ଷେ ଅମାନ୍ୟକାରୀମାନେ ଅନ୍ୟ ମୁସଲମାନମାନଙ୍କୁ ଯିଏ ଦୁର୍ବଳ ଶ୍ରେଣୀର ଥିଲେ ଅବା କ୍ରୀତଦାସ ଥିଲେ ସେମାନଙ୍କୁ ଧରି ନେଇ ଲୌହର ବେଡ଼ି ପିନ୍ଧାଇ ଦେଉଥିଲେ ଏବଂ ପ୍ରଚଣ୍ଡ ଗ୍ରୀଷ୍ମତାପରେ ଛାଡ଼ିଦେଉଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ଏପରି ନଥିଲେ ଯେ ଅମାନ୍ୟକାରୀଙ୍କ କଥାରେ ସହମତି ପ୍ରକାଶ କରିନଥିବେ କେବଳ ବିଲାଲ୍‌ଙ୍କ ବ୍ୟତିତ କାରଣ ତାଙ୍କ ନିଜ ଦୃଷ୍ଟିରେ ମଧ୍ୟ ତାଙ୍କ ଅସ୍ତିତ୍ୱର କୌଣସି ମୂଲ୍ୟ ନଥିଲା । ସେ ସର୍ବଦା ଅଟଳ ଓ ଅବିଚଳ ନିଜ ବିଶ୍ୱାସରେ ରହୁଥିଲେ ।

*(ସୁନନେ ଇବ୍‌ନେ ମାଜା ......... ହଦିସ୍ ନଂ- ୧୫୦)*

ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅ ହଜ୍‌ରତ୍ ବିଲାଲ୍ ର:ଅଙ୍କ ପ୍ରାରମ୍ଭିକ ପ୍ରର୍ଯ୍ୟାୟ ଯୁଗର ବିଶ୍ୱାସ ଆଣିବା ସଂକ୍ରାନ୍ତରେ ଚର୍ଚ୍ଚା କରି ଏକ ସ୍ଥାନରେ ଉଲ୍ଲେଖ କରନ୍ତି । ହଜ୍‌ରତ୍ ଖବାବ୍ ର:ଅ ଯିଏ କି ଆଗୁଆ ବିଶ୍ୱାସକାରୀ ସାହାବାମାନଙ୍କ ମଧ୍ୟରୁ ଜଣେ ଥିଲେ ତେଣୁ ଏହି ଦୁଇଜଣଙ୍କ ସମ୍ୱନ୍ଧରେ ସମ୍ପର୍କରେ ଏହି ମତାନ୍ତର ରହିଛି ଯେ, ବିଲାଲ ସର୍ବପ୍ରଥମେ ବୟତ କରିଥିଲେ କି ଖବାବ୍ । କାରଣ ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ ଜଣେ ଦାସ ଓ ଜଣେ ହୁର୍ ଅର୍ଥାତ ସ୍ୱାଧିନ ବ୍ୟକ୍ତି ସର୍ବପ୍ରଥମେ ମୋ ଉପରେ ବିଶ୍ୱାସ ଆଣିଛନ୍ତି । କେତେକ ଲୋକମାନେ ତହିଁରୁ ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ବିଲାଲ୍ ର:ଅଙ୍କ ଯଥାର୍ଥ ନେଇଥାନ୍ତି ଅର୍ଥାତ ଏହି ଦୁଇଜଣଙ୍କୁ ମନେ କରିଥାନ୍ତି ତ ଆଉ କେତେକ ଲୋକ ତହିଁରୁ

ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଖବାବ୍ ର:ଅଙ୍କୁ ମନେ କରିଥାନ୍ତି" ।

*(ମିସ୍‌ରି ସାହାବ୍...... ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୧୪, ପୃ-୫୯୮)*

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ନିଜ ପୁସ୍ତକ ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ହଜ୍‌ରତ୍ ବିଲାଲ୍ ର:ଅଙ୍କ ଯନ୍ତ୍ରଣା ଓ ପିଡ଼ାର ଚର୍ଚ୍ଚା କରି ବର୍ଣ୍ଣନା କରନ୍ତି, ହଜ୍‌ରତ୍ ବିଲାଲ୍ ର:ଅ, ଉମୈୟା ବିନ୍ ଖଲ୍‌ଫଙ୍କର ଦାସ ଥିଲେ, ଉମୈୟା ତାଙ୍କୁ ମଧ୍ୟାହ୍ନ ସମୟରେ ଯେତେବେଳେ ସୂର୍ଯ୍ୟ ଅଗ୍ନୀବର୍ଷଣ କରୁଥିଲେ ସେତେବେଳେ ମକ୍କାର ପଥୁରିଆ ଚଟାଣ ଉପରେ, ଯାହାକି ଭାଟିପରି ଅଗ୍ନୀ ଉଦ୍‌ଗିରଣ କରୁଥିଲା, ଉଲଗ୍ନ କରି ଶୁଆଇ ଦେଉଥିଲା ଏବଂ ବଡ଼ ବଡ଼ ଓଜନିଆ ପ୍ରସ୍ତର ଖଣ୍ଡମାନ ତାଙ୍କ ଛାତି ଉପରେ ଲଦି ଦେଉଥିଲା ଏବଂ କହୁଥିଲା ଲାତ୍ ଓ ଉଜ୍ଜା କୁ ନିଜ ଆରାଧ୍ୟ ଦେବାତା ସ୍ୱୀକାର କର ଏବଂ ମୁହମ୍ମଦ ସ:ଆ:ସଙ୍କଠାରୁ ନିଜକୁ ଅଲଗା କରିନିଅ । ପ୍ରତିଉତରରେ ସେ ଅହଦ୍ ଅହଦ୍ ହିଁ କହୁଥିଲେ ଅର୍ଥାତ ଅଲ୍ଲାଃ ଏକ ଓ ଅଦ୍ୱିତୀୟ । ବାରମ୍ବାର ଆପଣଙ୍କର ଏହି ଉତର ଶୁଣି ଉମୈୟା କ୍ରୋଧରେ ଜର୍ଜରିତ ହୋଇଉଠୁଥିଲା ଏବଂ ତାଙ୍କ ବେକରେ ରସି ଲଗାଇ ଦୁଷ୍ଟ ଲୋକମାନଙ୍କ ହାତରେ ଟେକି ଦେଉଥିଲା । ତଥା କହୁଥିଲା ଆକୁ ନେଇ ମକ୍କାର ଗଳିରେ ଘୋଷାରି ଘୋଷାରି ଚାଲିଯାଅ ଯଦ୍ୱାରା ତାଙ୍କ ଶରୀର ରକ୍ତ ରଞ୍ଜିତ ହୋଇଯାଉଥିଲା । ତଥାପି ସେ ଅହଦ୍ ଅହଦ୍ ର ସ୍ୱର ହିଁ ଉଚ୍ଚାରଣ କରୁଥିଲେ । ହଜ୍‌ରତ୍ ଅବୁବକର ର:ଅ ଯେତେବେଳେ ତାଙ୍କର ଏହି ଶୋଚନୀୟ ଅବସ୍ଥା ଦେଖିଲେ ସେତେବେଳେ ତାଙ୍କୁ ଗୋଟିଏ ବଡ଼ ରକମ ପଇଠ କରି ଖରିଦ କରି ନେଇଥିଲେ ଏବଂ ସ୍ୱାଧିନ କରିଦେଇଥିଲେ ।

*(ସିରତ ଖାତମୁନ୍ ନବିୟିନ୍ ସ:ଆ:ସ, ପୃ-୧୪୦)*

ହଜ୍‌ରତ୍ ବିଲାଲ୍ ଯେତେବେଳେ ହିଜ୍‌ରତ୍ କରି ମଦିନା ଆସିଲେ ସେତେବେଳେ ସେ ହଜ୍‌ରତ୍ ସାଆଦ୍ ବିନ୍ ଖୈସମାଙ୍କ ଘରେ ଅବସ୍ଥାନ କରିଥିଲେ । ହଜୁର ସ:ଆ:ସ ହଜ୍‌ରତ୍ ବିଲାଲଙ୍କ ଭାତୃଭାବ ହଜ୍‌ରତ୍ ଉବୈଦାଃ ବିନ୍ ହାରିସ ର:ଅଙ୍କ ସହ ସ୍ଥାପନ କରିଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ବିଲାଲଙ୍କ ଭାତୃଭାବ ହଜ୍‌ରତ୍ ଅବୁ ରୁୱିୟିନା ଖଶ୍‌ଅମିଙ୍କ ସହ ସ୍ଥାପନ କରିଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୬............ ବେରୁତ ୨୦୧୭)*

ଯେତେବେଳେ ହଜୁର ସ:ଆ:ସ ମଦିନାରେ ପହଂଚିଲେ, ସେତେବେଳେ ଅନେକ ସାହାବା ରୋଗରେ ପୀଡ଼ିତ ହୋଇଗଲେ ଯେଉଁମାନଙ୍କ ମଧ୍ୟରେ ହଜରତ ଅବୁବକର, ହଜରତ ବିଲାଲ ଓ ହଜରତ ଆମୀର୍ ବିନ୍ ଫୁହୈରାଃ ସାମିଲ ଥିଲେ । ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ:ଆ:ସ ମଦିନା ଆସିଲେ ସେତେବେଳେ ହଜ୍‌ରତ୍ ଅବୁବକର ଓ ହଜ୍‌ରତ୍ ବିଲାଲ ର:ଅଙ୍କୁ ଜ୍ୱର ହେଲା । ଯେତେବେଳେ ହଜ୍‌ରତ୍ ଅବୁବକର ର:ଅଙ୍କୁ ଜ୍ୱର ହେଉଥିଲା ସେତେବେଳେ ସେ ଏହି କବିତା ପାଠ କରୁଥିଲେ ଯାହାର ଅନୁବାଦ ଏପରି କି, ପ୍ରତ୍ୟେକ ବ୍ୟକ୍ତି ଯେତେବେଳେ ନିଦରୁ ଜାଗ୍ରତ ହୁଏ ସେତେବେଳେ ତାକୁ ସୁପ୍ରଭାତ କୁହାଯାଇଥାଏ ଏବଂ ତାହାର ମୃତ୍ୟୁ ଜୋତାର ରସିଠାରୁ ମଧ୍ୟ ନିକଟତର ରହିଥାଏ ଏବଂ ଯେତେବେଳେ ହଜ୍‌ରତ୍ ବିଲାଲଙ୍କ ଜ୍ୱର କମି ଯାଉଥିଲା ସେତେବେଳେ ସେ ଉଚ୍ଚ ସ୍ୱରରେ ଏହି କବିତା ପାଠ କରୁଥିଲେ କି ସମ୍ଭବତଃ ମତେ ଜ୍ଞାତ ହୁଅନ୍ତା କି ମୁଁ କୌଣସି ରାତି ମକ୍କାର ପବିତ୍ର ଭୂମିରେ ଅତିବାହିତ କରନ୍ତି ଓ ଚାରିପଟେ ଇଜ୍‌ଖିର୍ ଓ ଜଲିଲ୍ ଘାସ ରହିଥାନ୍ତା ଏବଂ କଣ କଦାଚିତ ମୁଁ ମଜନ୍ନାରେ ପହଂଚି ତାହାର ମଧୁର ଜଳପାନ କରିପାରିବି । ମୁଜ୍‌ନା ମକ୍କାଠାରୁ କିଛି ଦୂରରେ ଅବସ୍ଥିତ ମରୁ ଜୋହ୍‌ରାନ୍ ନିକଟସ୍ଥ ଏକ ସ୍ଥାନ ଅଟେ । ଅନ୍ଧକାରମୟ ଯୁଗରେ ଆରବର ଏକ ପ୍ରଶିଦ୍ଧ ମେଳା ମରୁ ଜୋହ୍‌ରାନ୍‌ରେ ଉକାଜ୍ ମେଳାପରେ ଲାଗୁଥିଲା । ଆରବବାସୀ ଉକାଜ ମେଳା ପରେ ମୁଜ୍‌ନାଠିକୁ ଚାଲିଯାଉଥିଲେ ଏବଂ ସେହିଠାରେ ୨୦ ଦିନ ପର୍ଯ୍ୟନ୍ତ ଅବସ୍ଥାନ କରୁଥିଲେ । ସେ ଯାହା ହେଉ ବିଲାଲ୍ କୁହନ୍ତି ସେଠାରେ ମୁଁ ଜଳପାନ କରନ୍ତି କି ଓ ଶାମା ତଥା ତୁଫେଲ୍ ପାହାଡ଼ ମୋ ସମ୍ମୁଖରେ ଥାଆନ୍ତେ କ? ତୁଫେଲ୍ ପାହାଡ଼ ମଧ୍ୟ ମକ୍କାଠାରୁ ଦଶ ମାଇଲ୍ ଦୁରତାରେ ଅବସ୍ଥିତ ତାହା ନିକଟରେ ଆଉ ଏକ ପାହାଡ଼ ଥିଲା ଯାହାର ନାମ ଶମା ଥିଲା । ପୁନଶ୍ଚ ସେ କୁହନ୍ତି ହେ ପ୍ରଭୁ ଶୈବାଃ ବିନ୍ ରବିହା, ଉତ୍‌ବା ବିନ୍ ରବିୟା ଓ ଉମୈୟା ବିନ୍ ଖଲ୍‌ଫଙ୍କ ଉପରେ ତୁମର ଅଭିଷାପ ହେଉ । କାରଣ ସେମାନେ ଆମ ମାତୃଭୁମିରୁ ଆମକୁ ସଂକ୍ରମିତ ସ୍ଥାନକୁ ହିଜ୍‌ରତ୍ କରିବାପାଇଁ ବାଧ୍ୟ କଲେ । ଏହା ପରେ ହଜୁର ସ:ଆ:ସ ଦୁଆ କଲେ ହେ ଅଲ୍ଲାଃ ! ମଦିନାକୁ ଆମମାନଙ୍କ ପାଇଁ ଏଭଳି ପ୍ରୀୟ କରିଦିଅ । ଯେତେବେଳେ ହଜ୍‌ରତ୍ ଅବୁବକର ଓ ବିଲାଲ୍ ହଜୁର ସ:ଆ:ସଙ୍କର ଏହି କଥା ଶୁଣିଲେ ସେତେବେଳେ ସେମାନେ କହିଲେ ହେ ଅଲ୍ଲାଃ ମଦିନାକୁ ଆମପାଇଁ ଏହିଭଳି ପ୍ରୀୟ କରିଦିଅ ଯେମିତିକି ମକ୍କା ଆମମାନଙ୍କ ପାଇଁ ପ୍ରୀୟ ଥିଲା ଅବା ତାହାଠାରୁ ବି ଅଧିକା । ହେ ଅଲ୍ଲାଃ ଆମ ମାପକ ସାଆଦ୍ ଓ ମୁଦ୍‌ରେ ବର୍‌କତ୍ ପ୍ରଦାନ କର ଏବଂ ଆମମାନଙ୍କୁ ଉତମ ସ୍ୱାସ୍ଥ୍ୟ ପ୍ରଦାନ କର ଏବଂ ଏହି ଜ୍ୱରକୁ ହୁଜ୍‌ଫା ଆଡ଼କୁ ନେଇଯାଅ । ହୁଜ୍‌ଫା ମଧ୍ୟ ଏକ ସହର ଯାହାକି ମକ୍କା ନିକଟରେ ଅବସ୍ଥିତ । ହଜ୍‌ରତ୍ ଆଇଶା କୁହନ୍ତି ଆମେ ମଦିନା ଆସିଲୁ ସେତେବେଳେ ତାହା ଅଲ୍ଲାଃଙ୍କ ସଂକ୍ରମଣ ଜନିତ ସ୍ଥାନମାନଙ୍କ ମଧ୍ୟରୁ ସର୍ବଶିର୍ଷରେ ଥିଲା । ଅର୍ଥାତ ସବୁଠାରୁ ଅଧିକ ଏହିଠାରେ ସଂକ୍ରମଣ ରହିଥିଲା, ମହାମାରୀ ରହିଥିଲା । ସେଠାରେ ବତ୍‌ହାନ୍ ନାଳରେ କିଂଚିତ ମାତ୍ର ଜଳ ପ୍ରଭାହିତ ହେଉଥିଲା ଏବଂ ତାହା ମଧ୍ୟ ସ୍ୱାଦ ହିନ ଓ ଦୁର୍ଗନ୍ଧମୟ ଥିଲା । ବତ୍‌ହାନ୍ ହେଉଛି ମଦିନା ନିକଟସ୍ଥ ଏକ ସ୍ଥାନର ନାମ । ଏହା ବୁଖାରୀର ବର୍ଣ୍ଣନାରେ ଦରଜ ରହିଛି । *(ସହି ବୁଖାରୀ..... ହଦିସ୍ ୧୮୮୯) (ଫର୍‌ହଙ୍ଗ ସିରତ୍, ପୃ-୫୮,୧୮୦,୨୫୯) (ଶମାଇଲେ ନବୀ ସ:ଆ:ସ ପୃ-୭୬ ହାଶିୟା) (ଶରହ୍ ଜର୍‌କାନୀ..... ଖଣ୍ଡ-୨, ପୃ-୧୭୨..... ବେରୁତ)*

ଯେତେବେଳେ କାଦିୟାନରୁ ଅହେମଦୀମାନେ ରବୁୱା ପ୍ରବାଶ କଲେ, ସେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ଅହେମଦୀମାନଙ୍କୁ ମଦିନା ହିଜ୍‌ରତ୍ କରିବାର ଦୃଷ୍ଟାନ୍ତ ଦେଇ ଉପଦେଶ ଦେଲେ ଯେ, ଆମମାନଙ୍କୁ ଏହି ହିଜ୍‌ରତ୍‌କୁ ନେଇ ଦୁଃଖିଥ ଓ ବ୍ୟଥିତ ହେବା ଉଚିତ ନୁହେଁ । ହଜ୍‌ରତ୍ ବିଲାଲ୍ ଉକ୍ତ ଘଟଣା ପରିପ୍ରେକ୍ଷୀରେ ହଜୁର ସ:ଆ:ସଙ୍କ କଥନ ଚର୍ଚ୍ଚା କରି ଖଲିଫତୁଲ୍ ମସିହ ସାନି କହିଥିଲେ, ମୁଁ ଅନ୍ୟମାନଙ୍କ କଥା ତ ଜାଣିନାହିଁ ଏବଂ ଅନ୍ୟ କାହାରିକୁ ତ କହିପାରିବି ନାହିଁ କିନ୍ତୁ ଅହେମଦୀମାନଙ୍କୁ କହୁଅଛି ଯେ, ତୁମେ ନିଜର ସର୍ବସ୍ୱ ହରାଇ ଆସିଲ ଦେଖ ହଜୁର ସ:ଆ:ସ ସେହି ହିଜ୍‌ରତ୍ କରିଥିବା ସାହାବାଙ୍କ ଉପରେ ଦୁଃଖ ପ୍ରକାଶ କରୁଥିଲେ ଯେ, ନିଜ ଭିଟାମାଟି ଓ ନିଜ ଧନସମ୍ପତି ଛାଡ଼ି ଆସିଥିବା ଯୋଗୁଁ, ଦୁଃଖିତ ଓ ଅନୁତାପ କରୁଥିଲେ । ହଜୁର ସ:ଆ:ସ ଯେତେବେଳେ ମଦିନା ଆଗମନ କଲେ ସେତେବେଳେ ମଦିନାର ନାମ ୟସରବ ଥିଲା ଏବଂ ସେଠାରେ ମେଲେରିୟା ଜ୍ୱର ଅତ୍ୟଧିକ ମାତ୍ରାରେ ରହିଥିଲା । ଅତଏବ ହିଜ୍‌ରତ୍‌କାରୀ ସାହାବିମାନେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହେଉଥିଲେ । ସେପଟେ ଦେଶ ଛାଡ଼ିଥିବାର ପୀଡ଼ା ଓ ହୃଦୟର କୋହ ତାଙ୍କ ହୃଦୟରେ ଚାପି ରହିଥିଲା । ତେଣୁ ସେମାନଙ୍କ ମଧ୍ୟରୁ କେତେକ ରୋଦନ କରୁଥିଲେ, ଚିତ୍କାର କରୁଥିଲେ କି ହାୟେରେ ମକ୍କା, ହାୟେରେ ମକ୍କା । ଦିନେ ହଜ୍‌ରତ୍ ବିଲାଲ୍‌ଙ୍କୁ ମଧ୍ୟ ଜ୍ୱର ହେଲା ସେତେବେଳେ ସେ କବିତା ପାଠ କରିବା ଆରମ୍ଭ କରିଦେଲେ ଏହା ଦେଖି ହଜୁର ସ:ଆ:ସ କ୍ଷୋଭ ପ୍ରକାଶ କଲେ ଏବଂ କହିଲେ କଣ ତୁମେମାନେ ଏଥିପାଇଁ ଏଠାକୁ ଆସିଛ ? ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି, ବର୍ତମାନ ତୁମେ ଭାରତରୁ ହିଜ୍‌ରତ୍ କରି ପାକିସ୍ତାନ ଆସିଛ, ମୁଁ ତୁମମାନଙ୍କୁ କହୁଛି କି ଖୁସି ରୁହ ଆନନ୍ଦିତ ରୁହ ଏହା ଦେଖନାହିଁ ଯେ, ତୁମେ କଣ ହରାଇ ଆସିଛ ବରଂ ଏହା ଦେଖ ଯେ, କାହା ପାଇଁ ହରାଇ ଆସିଲ । ଯାହା ତୁମେ ହରାଇଛ ଯଦି ତାହା ତୁମେ ଈଶ୍ୱରଙ୍କ ପାଇଁ ଓ ଇସ୍‌ଲାମ୍‌ର ଉନ୍ନତି ପାଇଁ ହରାଇଛ ତେବେ ଉଲ୍ଲସିତ ରୁହ । କୌଣସି ଅବସ୍ଥାରେ ମଧ୍ୟ ନିଜ ଅଂଟାକୁ ଦୁର୍ବଳ ହେବାକୁ ଦିଅନାହିଁ । ତୁମମାନଙ୍କ ମୁଖରୁ ଦୁଃଖ ନିମିତ ମାତ୍ର ଦୃଶ୍ୟମାନ ନ ହେଉ ବରଂ ସେଥିରୁ ଆନନ୍ଦ ଓ ଖୁସିର ଜ୍ୟୋସ୍ନା ପ୍ରସ୍ଫୁଟିତ ହେଉ ।

*(କାଦିଆନ୍ ସେ ହମାରି ହିଜ୍‌ରତ୍...... ଅନୱାରୁଲ୍ ଉଲୁମ ଖଣ୍ଡ-୧, ପୃ-୩୭୯)*

ସେତେବେଳେ ହଜ୍‌ରତ୍ ସ:ଆ:ସ ଆମକୁ ଏହି ଉପଦେଶ ଦେଇଥିଲେ ଅର୍ଥାତ ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ଆମକୁ ଏହି ଉପଦେଶ ଦେଇଥିଲେ ଅହେମଦୀମାନଙ୍କୁ । କିନ୍ତୁ ଆଜି ସେହି ଲୋକମାନେ ଯେଉଁମାନେ ପାକିସ୍ତାନ ଗଠନ କରିବାର ବିରୋଧି ଥିଲେ, ନିଜକୁ ପାକିସ୍ତାନ ଗଠନ କରିବାର ମୁଳ ଓ ଅସଲ ବୋଲି ମଣୁଛନ୍ତି ଏବଂ ଘୋଷଣା ମଧ୍ୟ କରୁଛନ୍ତି । ପୁଣି ଅହେମଦୀମାନଙ୍କୁ ସେମାନଙ୍କ ନାଗରିକତ୍ୱରୁ ବଂଚିତ ରଖୁଛନ୍ତି ଯାହା ପାଇଁ ଅହେମଦୀ ସବୁଠାରୁ ଅଧିକ ବଳିଦାନ ଦେଇଛନ୍ତି । ଯେଉଁ ଧର୍ମର ଉନ୍ନତି ପାଇଁ ଆମେ ହିଜ୍‌ରତ୍ କରିଥିଲୁ ପାକିସ୍ତାନର ପାର୍ଲାମେଂଟରେ ନିଜ ରାଜନୈତିକ ଉଦ୍ଦେଶ୍ୟ ପୁରଣ କରିବାପାଇଁ ସେହି ଧର୍ମର ନାମ ନେବାକୁ ମଧ୍ୟ ଆମମାନଙ୍କ ଉପରେ କଟକଣା ଲଗାଯାଇଛି । ଯଦିଚ ଆମକୁ ସେମାନଙ୍କ କୌଣସି ପ୍ରକାର ସାର୍ଟିଫିକେଟ ଦେବାର ଆବଶ୍ୟକତା ନାହିଁ ନା ଆମେ ତାହା ଲୋଡୁଛୁ କିନ୍ତୁ ଆମେ ଏ ସବୁ ଜିନିଷ ଦେଖି ବେଶ୍ କଷ୍ଟ ପାଇଥାଉ ଯେ ଏହି ଦେଶର ତଥାକଥିତ ଠିକାଦାରମାନେ ଅହେମଦୀମାନଙ୍କ ଉପରେ ଅତ୍ୟାଚାର କରିନାହାନ୍ତି ବରଂ ସମଗ୍ର ଦେଶ ଉପରେ ଅତ୍ୟାଚାର କରୁଛନ୍ତି ଏବଂ ସମଗ୍ର ବିଶ୍ୱରେ ଅପମାନିତ ନିନ୍ଦିତ ଓ ତିରସ୍କୃତ ହେଉଛନ୍ତ । ଦେଶର ଉନ୍ନତିରେ ବାଧକ ସାଜିଛନ୍ତି । ଯଦି ଏମାନେ ନଥାନ୍ତେ ଯେଉଁମାନେ ଦେଶକୁ ଉଇପରି ଖାଇ ଚାଲୁଛନ୍ତି, ତେବେ ଦେଶ ଉନ୍ନତି ପଥରେ କାହିଁ କୁଆଡ଼େ ଆଗକୁ ବଢ଼ି ଚାଲିଯାଇଥାନ୍ତା । ଏମାନେ ସମଗ୍ର ଦେଶକୁ ଉଇ ପରି ଖୋଳ କରିଚାଲିଛନ୍ତି । ତଥାପି ଆମେ ପାକିସ୍ତାନ ଅହେମଦୀମାନଙ୍କର କର୍ତବ୍ୟ ବିଶେଷ କରି ପାକିସ୍ତାନର ଅହେମଦୀ ବାସିନ୍ଦାମାନଙ୍କର ଏ କର୍ତବ୍ୟ ଯେ ଦେଶର ଉନ୍ନତି ପାଇଁ ନିଜର ସାମର୍ଥ୍ୟ ଅନୁଯାୟୀ ଯୋଗଦାନ କରିବା ଉଚିତ କି ଦେଶ କିଭଳି ଉନ୍ନତି ପଥରେ ଆଗେଇଯାଉ ଏବଂ ଏଥିପାଇଁ ଦୁଆ ମଧ୍ୟ କରିବା ଉଚିତ । ଅଲ୍ଲାଃ ତାଲା ଏହି ଅତ୍ୟାଚାରୀମାନଙ୍କ କବଳରୁ ଦେଶକୁ ପବିତ୍ର କରନ୍ତୁ । ଯଦିଚ ଏହା ଚର୍ଚ୍ଚିତ ବିଷୟ ପ୍ରସଙ୍ଗରେ ଆସିଗଲା କିନ୍ତୁ ବର୍ତମାନ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ମୁଁ ପୂର୍ବବାର ହଜ୍‌ରତ୍ ବିଲାଲଙ୍କ ଘଟଣା ଚର୍ଚ୍ଚା କରୁଅଛି ।

ତବକାତୁଲ୍ କୁବରାରେ ଉଲ୍ଲେଖ ରହିଛି କି ହଜ୍‌ରତ୍ ବିଲାଲ ର:ଅ ହଜୁର ସ:ଆ:ସଙ୍କ ସହିତ ବଦର, ଓ୍ବହଦ ଓ ଖନ୍ଦକ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ସାମିଲ ଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୮୦............ ବେରୁତ ୨୦୧୭)*

ବଦର ଯୁଦ୍ଧରେ ହଜ୍‌ରତ୍ ବିଲାଲ ର:ଅ ଉମୈୟା ବିନ୍ ଖଲ୍‌ଫକୁ ବଦ୍ଧ କରିଥି;ଲ ଯିଏ ଇସ୍‌ଲାମ୍‌ର ପରମ ଶତ୍ରୁ ଥିଲା ଏବଂ ହଜ୍‌ରତ୍ ବିଲାଲ ର:ଅଙ୍କ ଇସ୍‌ଲାମ୍ ଧର୍ମଗ୍ରହଣ କରିବାଯୋଗୁଁ ତାଙ୍କ ଉପରେ ଅଶେଷ ଅତ୍ୟାଚାର କରୁଥିଲା ।

*(ସିରସ୍ ସାହାବା ଖଣ୍ଡ-୨, ପୃ-୧୫୬...... କରାଚି ୨୦୦୪)*

ଉମୈୟା ବିନ୍ ଖଲ୍‌ଫ୍ ବଦ୍ଧ ଘଟଣା ସହି ବୁଖାରୀରେ ବର୍ଣ୍ଣିତ ରହିଛି ଯାହାକି ଖୁବୈବ୍ ବିନ୍ ଅସାଆଫ୍ ର:ଅଙ୍କ ଚର୍ଚ୍ଚାରେ ମୁଁ ବର୍ଣ୍ଣନା କରିଆସିଛି ।

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ବର୍ଣ୍ଣନା କରନ୍ତି ମୁଁ ଉମୈୟା ବିନ୍ ଖଲ୍‌ଫକୁ ପତ୍ର ଲେଖିଲି କି ତୁମେ ମକ୍କାରେ ଥିବା ମୋର ଧନସମ୍ପତି ଓ ପିଲାଛୁଆଙ୍କ ସୁରକ୍ଷା ପ୍ରଦାନ କର ମୁଁ ମଦିନାରେ ଥିବା ତୁମ ଧନସମ୍ପତିର ରକ୍ଷଣବେକ୍ଷଣ କରିବି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନଙ୍କର ତାହା ସହ ପୁରୁଣା ସମ୍ପର୍କ ଥିଲା ଅର୍ଥାତ ଉମୈୟା ବିନ୍ ଖଲ୍‌ଫଙ୍କ ସହ । ଉମୈୟା ବଦର ଯୁଦ୍ଧରେ ମଧ୍ୟ ଅମାନ୍ୟକାରୀଙ୍କ ତରଫରୁ ସାମିଲ ହୋଇଥିଲା । ଯୁଦ୍ଧ ପରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ଉମୈୟାକୁ ବଂଚାଇବାକୁ ଚାହୁଁଥିଲେ । ଅତଏବ ସେ କୁହନ୍ତି, ଯୁଦ୍ଧ ସମାପ୍ତ ହେବାପରେ ଏକ ପାହାଡ଼ ତଳେ ଯେତେବେଳେ ଲୋକେ ଅର୍ଥାତ ସାହାବାମାନେ ନିଦ୍ରାକୁ ଚାଲିଗଲେ ସେତେବେଳେ ମୁଁ ଚେଷ୍ଟା କଲି ଯେ, ଉମୈୟାକୁ ସୁରକ୍ଷିତ ଭାବରେ ଏଠାରୁ ବାହାର କରି ମକ୍କା ପ୍ରେରଣ କରିଦେବି । ହଜ୍‌ରତ୍ ବିଲାଲ ର:ଅ ଜଣାନାହିଁ କିପରି ଆମକୁ ଦେଖିନେଲେ ଅତଏବ ସେ ଅନ୍‌ସାରଙ୍କ ଏକ ଦଳ ନିକଟରେ ଛିଡ଼ା ହୋଇ ଉଚ୍ଚସ୍ୱରରେ ଚିତ୍କାର କଲେ, ଯେ ଆଜି ଯଦି ଉମୈୟା ବଂଚି ଖସିପଳାଏ ତେବେ ମୋର ନିସ୍ତାର ନାହିଁ । ସୁତରାଂ ବିଲାଲଙ୍କ ସହ କିଛି ଲୋକ ଆମ ପଛରେ ବାହାରି ପଡିଲେ ମୁଁ ଭୟଭୀତ ହେଲି ଯେ ସେ ଆମକୁ ଧରି ନ ନିଅନ୍ତୁ, ତେଣୁ ଉମୈୟାର ପୁତ୍ରକୁ ପଛରେ ଛାଡ଼ି ଆମେ ଆଗକୁ ବାହାରିଗଲୁ କି ସେ ତାଙ୍କ ସହ ଲଢ଼ି ସମୟ ବ୍ୟତିତ କରିବ ଏବଂ ଆମେ ଦୂରକୁ ଚାଲିଯିବୁ କିନ୍ତୁ ସେମାନେ ତାକୁ ମାରି ଆମ ପଛରେ ଅନୁଧାବନ କରି ଓ ଆମକୁ ଧରି ନେଲେ ଯେହେତୁ ଉମୈୟା ଏକ ବଳିଷ୍ଠ ଶରିରଧାରୀ ବ୍ୟକ୍ତି ଥିଲା ତେଣୁ ସେ ଶିଘ୍ର ଏଣେତେଣେ ଗତି କରିପାରୁନଥିଲା ଶେଷରେ ଯେତେବେଳେ ସେମାନେ ଆମ ନିକଟରେ ପହଂଚିଗଲେ ସେତେବେଳେ ମୁଁ ଉମୈୟାଙ୍କୁ କହିଲି ତୁମେ ବସିପଡ଼ ଏବଂ ମୁଁ ତାଙ୍କୁ ଅବରୋଧ କଲି କିନ୍ତୁ ସେମାନେ ଅର୍ଥାତ ସାହାବାମାନେ ମୋ ତଳପଟରୁ ଉମୈୟା ଉପରେ ଆକ୍ରମଣ କରି ତାକୁ ମାରିଦେଲେ ଏଥିରେ ମୋ ପାଦ ମଧ୍ୟ କ୍ଷତାକ୍ତ ହୋଇଥିଲା ।

*(ସହି ବୁଖାରୀ.... ହଦିସ୍-୨୩୦୧)*

ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କୁହନ୍ତି ସେତେବେଳେ ମୁଁ ଉମୈୟା ଓ ତାହାର ପୁତ୍ରକୁ ନେଇ ବାହାରିଗଲି ସେତିକିବେଳେ ହଜ୍‌ରତ୍ ବିଲାଲ ଆମକୁ ଦେଖିନେଲେ ମକ୍କାରେ ଉମୈୟା ବିଲାଲଙ୍କ ଉପରେ ଅନେକ କଷଣ ଓ ଅତ୍ୟାଚାର କରିଥିଲା । ତେଣୁ ସେ ଚିତ୍କାର କଲେ ଅମାନ୍ୟକାରୀଙ୍କ ସର୍ଦ୍ଦାର ଏଠାରେ ଅଛି, ଯଦି ସେ ଆଜି ଏଠାରୁ ଖସି ପଳାଏ ତେବେ ମୁଁ ବଂଚିବି ନାହିଁ ଏହା ଶୁଣି ଅବ୍‌ଦୁର୍ ରହ୍‌ମାନ କହିଲେ ତୁମେ ମୋ କଏଦୀମାନଙ୍କ ସଂକ୍ରାନ୍ତରେ ଏପରି କହୁଛ କିନ୍ତୁ ବିଲାଲ ବାରମ୍ବାର ସେହି କଥା କହୁଥିଲେ ଏବଂ ସେ ଉଚ୍ଚ ସ୍ୱରରେ ଚିତ୍କାର ମଧ୍ୟ କରୁଥିଲେ ଯେ ହେ ଅନ୍‌ସାରମାନେ ଅମାନ୍ୟକାରୀଙ୍କ ସର୍ଦ୍ଦାର ଉମୈୟା ଯଦି ଆଜି ଏଠାରୁ ଖସି ପଳାଏ ତେବେ ମୁଁ ଜୀବିତ ରହିପାରିବି ନାହିଁ । ଏହା ଶୁଣି ସେମାନେ ଦଉଡ଼ି ଗଲେ କିନ୍ତୁ ଅନ୍‌ସାରମାନେ ସେମାନଙ୍କୁ ଚର୍ତୁପାର୍ଶ୍ୱରୁ ଘେରିନେଲେ । ବିଲାଲ ତରବାରୀ ଦ୍ୱାରା ଉମୈୟା ଉପେର ପ୍ରହାର କଲା ଯଦ୍ୱାରା ସେ ତଳେ ପଡ଼ିଗଲା ଏବଂ ଉମୈୟା ଏଭଳି ଭୟଙ୍କର ଚିତ୍କାର କଲା ଯାହାକି ଆମେ ଆଗରୁ ଶୁଣିନଥିଲୁ । ତା'ପରେ ଅନ୍‌ସାରମାନେ ସେହି ଦୁହିଁଙ୍କୁ ତରବାରୀ ସାହାଯ୍ୟରେ ହତ୍ୟା କଲେ । *(ସିରତୁଲ୍ ହଲ୍‌ବିୟା......ଖଣ୍ଡ-୨, ପୃ-୨୩୨-୨୩୩.... ବେରୁତ)*

ଏକ ବର୍ଣ୍ଣନାରେ ଦରଜ ରହିଛି ଯେ ହଜ୍‌ରତ୍ ବିଲାଲ ର:ଅ ହଜୁର ସ:ଆ:ସଙ୍କ ବ୍ୟକ୍ତିଗତ ସଚିବ ଅଥବା କୋଷରକ୍ଷକ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୪୧୫.......... ବେରୁତ ୨୦୧୬)*

ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କୁ କେହି ଜଣେ ପଚାରିଲେ ଯେ କଣ ଆପଣ ବି ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ କୌଣସି ଯାତ୍ରାରେ ସାମିଲ ହୋଇଛନ୍ତି କି? ଏଥିରେ ସେ କହିଲେ ଯଦି ମୋର ହଜୁର ସ:ଆ:ସଙ୍କ ସହିତ ସମ୍ପର୍କ ନଥାନ୍ତା ତେବେ ମୁଁ ସେଥିରେ ସାମିଲ ହୋଇନଥାନ୍ତି, ଏଥିରେ ତାଙ୍କ ତାତ୍ପର୍ଯ୍ୟ ଛୋଟ ହେବା ଯୋଗୁଁ ତାଙ୍କୁ ସେମାନଙ୍କ ସହ ଯାତ୍ରା କରିବାକୁ ଅବସର ମିଳିଯାଇଥିଲା । ସେ ପୁନଃ ବର୍ଣ୍ଣନା କରନ୍ତି ତାଙ୍କୁ ସଦ୍‌କା ଦେବାପାଇଁ ମହିଳାମାନେ ନିଜ ହସ୍ତତଳକୁ କରି ନିଜ ନିଜର ମୁଦି ବାହାର କରି ହଜ୍‌ରତ୍ ବିଲାଲ ର:ଅଙ୍କ ବସ୍ତ୍ର ଉପରେ ରଖିଦେଉଥିଲେ ଯେଉଁ ଚଦର ବା ବସ୍ତ୍ର ବିଲାଲ ବିଛାଇ ଥିଲେ । ସେଥିଅନ୍ତେ ହଜ୍‌ରତ୍ ଇବ୍‌ନେ ଅବାସ୍ ବର୍ଣ୍ଣନା କରନ୍ତି ଯେ, ବିଲାଲ ର:ଅ ଓ ଆଁ ହଜ୍‌ରତ୍ ସ:ଆ:ସ ଘରକୁ ଆସିଲେ । *(ସହି ବୁଖାରୀ...... ହଦିସ୍-୮୬୩)*

ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ମତେ କହିଛନ୍ତି ଯେ, ମତେ ଅଲ୍ଲାଃ ତାଲାଙ୍କ ସକାଶେ ଏତେ ଦୁଃଖକଷ୍ଟ ଦିଆଗଲା ଯେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ମଧ୍ୟ ଏଭଳି ଯନ୍ତ୍ରଣା ଦିଆଯାଇନଥିବ । ମତେ ଅଲ୍ଲାଃ ତାଲାଙ୍କ ପାଇଁ ଏତେ ଭୟଭୀତ କରାଗଲା ଯେ, କି ଅନ୍ୟ କାହାରିକୁ ଏପରି ଭୟଭୀତ କରାଯାଇନଥିବ । ମୋ ଉପରେ ତୃତୀୟ ରାତ୍ର ଆସିଯାଉଥିଲା ଯେ, ମୁଁ ଓ ବିଲାଲ ର:ଅଙ୍କ ନିକଟରେ ଏଭଳି କୌଣସି ଆହାର ନଥିଲା ଯାହାକୁ କୌଣସି ଜୀବ ଖାଇପାରିବ । କିନ୍ତୁ ସେତିକି ମାତ୍ରାରେ ହିଁ ଯେତିକି ହଜ୍‌ରତ୍ ବିଲାଲ ର:ଅ ନିଜ କାଖରେ ଲୁଚାଇ ରଖାଯାଇପାରେ । ଅର୍ଥାତ ବହୁତ୍ କମ୍ ଖାଦ୍ୟ ମିଳୁଥିଲା । *(ସୁନନେ ଇବ୍‌ନେ ମାଜା.... ହଦିସ୍-୧୫୧....)*

ହଜ୍‌ରତ୍ ବିଲାଲ ର:ଅଙ୍କୁ ସର୍ବପ୍ରଥମେ ମୌଜିନ୍ ହେବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ହଜ୍‌ରତ୍ ବିଲାଲ ର:ଅ ରସୁଲେ କରିମ୍ ସ:ଆ:ସଙ୍କ ସମଗ୍ର ଜୀବନକାଳରେ ଆପଣଙ୍କ ପାଇଁ ଭ୍ରମଣ ଓ ଅବସ୍ଥାନ କାଳରେ ମସ୍‌ଜିନ୍ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ସେ ହିଁ ହେଉଛନ୍ତି ଇସ୍‌ଲାମ୍ ଧର୍ମର ସର୍ବପ୍ରଥମ ବ୍ୟକ୍ତି ଯାହାଙ୍କୁ ଅଜାନ୍ ଦେବାର ସୌଭାଗ୍ୟ ଲାଭ ହୋଇଥିଲା ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୧, ପୃ-୪୧୬.......... ଲେବ୍‌ନାନ୍ ୨୦୧୬)*

ମୁହମ୍ମଦ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ନିଜର ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ହଜୁର ସ:ଆ:ସ ନମାଜ ପାଇଁ ବିଗୁଲ୍ ବିଷୟରେ ଅର୍ଥାତ ଶଙ୍ଖନାଦ କରିବା ବିଷୟରେ ଭାବିଲେ, ପୁନଶ୍ଚ ନାକୁଶ୍ ବ୍ୟବହାର କରିବାପାଇଁ ମଧ୍ୟ ମନ୍ତବ୍ୟ ମିଳିଲା । ଅତଏବ ତାହା ତିଆରି ମଧ୍ୟ କରାଗଲା । ପୁନଶ୍ଚ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅଙ୍କୁ ସ୍ୱପ୍ନାଦେଶ ହେଲା, ସେ କହିଲେ ଯେ ମୁଁ ସ୍ୱପ୍ନରେ ଜଣେ ବ୍ୟକ୍ତିଙ୍କୁ ଦେଖିଲି ଯେ ସେ ଦୁଇଟି ସବୁଜବସ୍ତ୍ର ପରିଧାନ କରିଥିଲା ଏବଂ ସେ ବ୍ୟକ୍ତି ନାକୁଶ ଧରିଥିଲା ମୁଁ ସ୍ୱପ୍ନରେ ହିଁ ସେହି ବ୍ୟକ୍ତିକୁ କହିଲି, ହେ ଅଲ୍ଲାଃଙ୍କ ଭକ୍ତ ତୁମେ ଏହି ନାକୁଶ ବିକ୍ରୀ କରିବ କି ? ସେ କହିଲା ତୁମେ ଏହାକୁ ନେଇ କଣ କରିବ ମୁଁ କହିଲି ଏହା ମାଧ୍ୟମରେ ନମାଜ ପାଇଁ ଲୋକମାନଙ୍କୁ ଡ଼ାକିବି । ସେହି ବ୍ୟକ୍ତିଜଣକ କହିଲା ମୁଁ ଏହାଠୁ ବି ଉତ୍କୃଷ୍ଟ ଉପାୟ ସମ୍ପର୍କରେ ତୁମକୁ ଅବଗତ କରିବି କି, ମୁଁ କହିଲି ତାହା କଣ ? ସେ ଉତର ଦେଲା ଏବଂ ଅଜାନ୍‌ର ଶବ୍ଦଗୁଡ଼ିକୁ ମତେ ଶୁଣାଇଲା ।

ବର୍ଣ୍ଣନାକାରୀ କୁହନ୍ତି ଯେ, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅ ବାହାରିଲେ ଏବଂ ସେ ହଜୁର ସ:ଆ:ସଙ୍କ ନିକଟରେ ପହଂଚିଲେ ଏବଂ ହଜୁରଙ୍କ ଏ ସଂକ୍ରାନ୍ତରେ ଅର୍ଥାତ ନିଜ ସ୍ୱପ୍ନାଦେଶ ସଂକ୍ରାନ୍ତରେ ଅବଗତ କରାଇଲେ ଅର୍ଥାତ ସୁଚିତ କରାଇଲେ । ରସୁଲେ କରିମ୍ ସ:ଆ:ସ ସାହାବାମାନଙ୍କୁ କହିଲେ ତୁମର ସାଥି ଏକ ସ୍ୱପ୍ନ ଦେଖିଛନ୍ତି । ପୁନଶ୍ଚ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅଙ୍କୁ କହିଲେ, ତୁମେ ବିଲାଲଙ୍କୁ ସେହି ଶବ୍ଦଗୁଡ଼ିକ ଶିଖାଇ ଦିଅ ଏବଂ ସେ ଉଚ୍ଚ ସ୍ୱରରେ ଡ଼ାକ ମାରିବେ ଅର୍ଥାତ ଲୋକମାନଙ୍କୁ ଡ଼ାକିବେ ନମାଜ ପାଇଁ, କାରଣ ତୁମ ଅପେକ୍ଷା ତାଙ୍କର ସ୍ୱର ଅଧିକ ଉଚ୍ଚ ଓ ପ୍ରଖର । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍ ର:ଅ କହିଲେ ଯେ ମୁଁ ହଜ୍‌ରତ୍ ବିଲାଲ ର:ଅଙ୍କ ସହିତ ମସ୍‌ଜିଦ୍ ଆଡ଼କୁ ଗଲି ଏବଂ ମୁଁ ତାଙ୍କୁ ଏହି କଲେମାତ୍ ଅର୍ଥାତ ଅଜାନ୍‌ର ବାକ୍ୟଗୁଡ଼ିକୁ କହିଚାଲିଲି ଓ ସେ ତାହାକୁ ମୋ ପଛେ ପଛେ ପୁନରାବୃତି କଲେ । ଏହିଭଳି ଲୋକମାନଙ୍କୁ ଆମେ ନମାଜ ପାଇଁ ଡ଼ାକିଲୁ ହଜ୍‌ରତ୍ ଉମର୍ ର:ଅ ଯେବେ ଏହି ଶବ୍ଦ ଶୁଣିଲେ ସେ ବାହାରକୁ ଆସି କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ଅଲ୍ଲାଃଙ୍କ ରାଣ ମୁଁ ମଧ୍ୟ ଏହି ବାକ୍ୟଗୁଡ଼ିକୁ ସ୍ୱପ୍ନରେ ଦେଖିଛି ।

*(ଇବ୍‌ନେ ମାଜା..... ହଦିସ୍ ୭୦୬) (ସହି ବୁଖାରୀ..... ହଦିସ୍-୬୦୪)*

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଲେଖିଛନ୍ତି ସେ ପର୍ଯ୍ୟନ୍ତ ନମାଜ ନିମନ୍ତେ କୌଣସି ପ୍ରକାର ଘୋଷଣା କିମ୍ବା ବ୍ୟବସ୍ଥା ହୋଇନଥିଲା । ସାହାବାମାନେ ସ୍ୱୟମଂ ସମୟର ଅନୁମାନ ଲଗାଇ ନମାଜ ନିମନ୍ତେ ଏକତ୍ରିତ ହୋଇଯାଉଥିଲେ କିନ୍ତୁ ଏହି ପ୍ରକ୍ରିୟା ଚିରସ୍ଥାୟୀ ଓ ସ୍ୱାଗତ ଯୋଗ୍ୟ ନଥିଲା ଯେବେକି ମସ୍‌ଜିଦ୍ ନବୱିର ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଥିଲା ଏବଂ ମନରେ ଏହି ପ୍ରଶ୍ନ ବାରମ୍ବାର ଉଙ୍କି ମାରୁଥିଲା ଯେ କେଉଁ ପ୍ରଣାଳୀରେ ସମସ୍ତ ଲୋକମାନଙ୍କୁ ଗୋଟିଏ ସମୟରେ ଏକତ୍ରିତ କରି ନମାଜ ପାଠ କରିବ । କିଏ ଇସାଇମାନଙ୍କ ପରି କରିବାକୁ ରାୟ ଦେଉଥିଲା ତ କିଏ ୟହୁଦୀମାନଙ୍କ ଉଦାହରଣ ଦେଉଥିଲା କି ଏପରି କରିବା । ହଜ୍‌ରତ୍ ଉମର୍ ମତ ପ୍ରକାଶ କଲେ କି ଜଣେ ବ୍ୟକ୍ତିଙ୍କୁ ଏଥିପାଇଁ ମୁତୟନ କରାଯାଉ ଯଦ୍ୱାରା ସେ ନମାଜର ଧାର୍ଯ୍ୟ ସମୟରେ ଏଲାନ କରିଦେବ ଅର୍ଥାତ ଘୋଷଣା କରିଦେବ । ହଜୁର ସ:ଆ:ସ ଏହି ରାୟକୁ ପସନ୍ଦ କଲେ ଏଥିପାଇଁ ବିଲାଲଙ୍କୁ ଆଦେଶ ଦେଲେ ଅତଏବ ନମାଜର ଧାର୍ଯ୍ୟ ସମୟରେ ବିଲାଲ ଅସ୍‌ସଲାତୁ ଯାମିଅତୁନ୍ କହି

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

ଘୋଷଣା କରୁଥିଲେ ବରଂ ନମାଜ ବ୍ୟତିତ ମଧ୍ୟ ସାହାବାମାନଙ୍କୁ ଅନ୍ୟ ସମୟରେ ଏକତ୍ରିତ କରିବାର ଆଦେଶ ମିଳିଲେ ସେ ଏହି ଶବ୍ଦ ଅର୍ଥାତ ଅସ୍‌ସଲାତୋ ଜାମେର ଉଚ୍ଚାରଣ କରି ଘୋଷଣା କରୁଥିଲେ । ଏହାର କିଛିଦିନ ପରେ ଜଣେ ସାହାବି ଅବ୍‌ଦୁଲ୍ଲାଃ ବିନ୍ ଜୈଦ୍‌ଙ୍କୁ ସ୍ୱପ୍ନାଦେଶ ହେଲା ଓ ତାଙ୍କୁ ଅଜାନ୍ ର ଶବ୍ଦ ଶିଖାଇ ଦିଆଯାଇଥିଲା ସେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ନିଜ ସ୍ୱପ୍ନର ଚର୍ଚ୍ଚା କଲେ ଏବଂ କହିଲେ ମୁଁ ଜଣେ ବ୍ୟକ୍ତିଙ୍କୁ ଏହି ଶବ୍ଦ ଉଚ୍ଚାରଣ କରୁଥିବାର ଦେଖିଲି । ହଜୁର କହିଲେ ଏହା ପରମେଶ୍ୱରଙ୍କ ତରଫରୁ ଅଟେ ଏବଂ ତାଙ୍କୁ ଆଦେଶ ଦେଲେ ଯେ, ହଜ୍‌ରତ୍ ବିଲାଲ ର:ଅଙ୍କୁ ଏହି ଶବ୍ଦଗୁଡ଼ିକ ଶିଖାଇ ଦିଅ । ଯେତେବେଳେ ହଜ୍‌ରତ୍ ବିଲାଲ ର:ଅ ସେହି ଶବ୍ଦଗୁଡ଼ିକୁ ପ୍ରଥମଥର ପାଇଁ ଅଜାନ୍ ଦେଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଏହି ଶବ୍ଦକୁ ଶୁଣି ଶିଘ୍ର ଶିଘ୍ର ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ହଜ୍‌ରତ୍ ବିଲାଲ ର:ଅ ଆଜି ଯେଉଁ ଶବ୍ଦରେ ଅଜାନ୍ ଦେଇଛନ୍ତି ମୁଁ ମଧ୍ୟ ସ୍ୱପ୍ନରେ ଠିକ୍ ଏହିପରି ଶବ୍ଦ ଦେଖିଛି । ଆଉ ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ଆଁ ହଜ୍‌ରତ୍ ସ:ଆ:ସ ଯେତେବେଳେ ଅଜାନ୍‌ର ଶବ୍ଦ ଶୁଣିଲେ ସେତେବେଳେ କହିଲେ ଯେ ମତେ ତଦନୁଯାୟୀ ଐଶିବାଣୀ ମଧ୍ୟ ହୋଇଛି ଅତଃ ଏହିପରି ଭାବରେ ସାମ୍ପ୍ରତିକ ଅଜାନ୍‌ର ଶୈଳୀ ସୃଷ୍ଟି ହୋଇଥିଲା ଏହି ଶୈଳୀ ଏପରି ମଙ୍ଗଳମୟ ଓ ଚିତାକର୍ଷକ ଥିଲା ଯାହାର କେହି ମୁକାବିଲା ମଧ୍ୟ କରିପାରିବ ନାହିଁ । ଯେପରି ପ୍ରତ୍ୟେକ ଦିନ ପାଂଚବେଳା ଇସ୍‌ଲାମୟୀ ଜଗତରେ ପ୍ରତ୍ୟେକ ସହର ପ୍ରତ୍ୟେକ ଗ୍ରାମରେ ଏବଂ ପ୍ରତ୍ୟେକ ମସ୍‌ଜିଦ୍‌ରେ ଅଲ୍ଲାଃ ତାଲାଙ୍କ ଏକଶ୍ୱରବାଦର ଓ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ରିସାଲତ୍‌ର ସ୍ୱର ଉଚ୍ଚ ହୁଏ ଓ ଇସ୍‌ଲାମୀୟ ଶିକ୍ଷାର ସାରାଂଶ ଅତ୍ୟନ୍ତ ସୌନ୍ଦର୍ଯ୍ୟ ଓ ପୂର୍ଣ୍ଣ ବାକ୍ୟରେ ଲୋକମାନଙ୍କ ନିକଟରେ ପହଂଚିଥାଏ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ- ୨୭୧-୨୭୨)***

ମୁସା ବିନ୍ ମୁହମ୍ମଦ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି, ଯେତେବେଳେ ହଜ୍‌ରତ୍ ବିଲାଲ ର:ଅ ଅଜାନ୍ ଦେଇ ନବୀ କରିମ୍ ସ:ଆ:ସଙ୍କୁ ସୁଚିତ କରିବାପାଇଁ ଇଚ୍ଛା ପ୍ରକାଶ କରୁଥିଲେ ସେତେବେଳେ ସେ ହଜୁର ସ:ଆ:ସଙ୍କ ଦ୍ୱାର ସମ୍ମୁଖରେ ଛିଡ଼ା ହୋଇଯାଉଥିଲେ ଏବଂ କହୁଥିଲେ, **ହୟା ଅଲସ୍‌ସଲାତ ହୟା ଅଲଲ୍ ଫଲାହ୍ । ଅସ୍‌ସଲାତୁ ୟା ରସୁଲଲ୍ଲାଃ ।** ଅର୍ଥାତ ହେ ଅଲ୍ଲାଃଙ୍କ ରସୁଲ୍ ନମାଜ ପାଇଁ ଚାଲିଆସନ୍ତୁ ଓ ସଫଳତା ପାଇଁ ଚାଲି ଆସନ୍ତୁ । ଯେତେବେଳେ ରସୁଲେ୍ କରିମ୍ ସ:ଆ:ସ ନମାଜ ପାଇଁ ବାହାରି ଆସୁଥିଲେ ସେତେବେଳେ ହଜ୍‌ରତ୍ ବିଲାଲ ର:ଅ ହଜୁରଙ୍କୁ ଦେଖିନେଇ ଅକାମତ୍ କରିବା ଆରମ୍ଭ କରିଦେଉଥିଲେ । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୧୭୬-୧୭୭............ ବେରୁତ ୨୦୧୭)***

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହା ଏକଥା ସ୍ପଷ୍ଟ ହୋଇନାହିଁ । ଅକାମତ୍ ସେତିକି ବେଳେ ହିଁ ହେବ ଯେତେବେଳେ ଇମାମ୍ ମେହେରାବ୍‌ରେ ପହଂଚିଯିବେ ।

ସୁନନେ ଇବ୍‌ନେ ମାଜାରେ ହଜ୍‌ରତ୍ ବିଲାଲ ର:ଅ ବର୍ଣ୍ଣନା କରନ୍ତି, ଯେ ଫଜର୍ ନମାଜ ପାଇଁ ହଜୁର ସ:ଆ:ସଙ୍କୁ ସୁଚିତ କରିବାପାଇଁ ଉପସ୍ଥିତ ହେଲେ । ତାଙ୍କୁ କୁହାଗଲା ଯେ, ହଜୁର ସ:ଆ:ସ ସୟନ ଅବସ୍ଥାରେ ଅଛନ୍ତି । ସେତେବେଳେ ହଜ୍‌ରତ୍ ବିଲାଲ ର:ଅ **ଅସ୍‌ସଲାତୁ ଖୈରୁମ୍ ମିନନ୍ ନୌମ୍ । ଅସ୍‌ସଲାତୁ ଖୈରୁମ୍ ମିନନ୍ ନୌମ୍ ।** ଶବ୍ଦ ଉଚ୍ଚାରଣ କରିଥିଲେ ସୁତରାଂ ସକାଳ ନମାଜରେ ଏହି ଶବ୍ଦକୁ ଅଧିକ କରିଦିଆଗଲା ଅର୍ଥାତ ଯୋଡ଼ି ଦିଆଗଲା ଏବଂ ଏହି ପରମ୍ପରାଟି ଆଜି ପର୍ଯ୍ୟନ୍ତ ସେହିପରି ଜାରି ରହିଛି ।

***(ସୁନନେ ଇବ୍‌ନେ ମାଜା..... ହଦିସ୍- ୭୧୬)***

ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲେ କରିମ୍ ସ:ଆ:ସ କହିଲେ, ହେ ବିଲାଲ୍ ଏହା କେଡ଼େ ଉତମ ଶବ୍ଦ ତୁମେ ଏହାକୁ ଫଜର ନମାଜରେ ସାମିଲ କରିନିଅ ।

***(ମୁଅଯମୁଲ୍ କବିର୍....... ଖଣ୍ଡ-୧, ପୃ- ୩୫୫ ହଦିସ୍- ୧୦୮୧.......୨୦୦୨)***

ରସୁଲେ କରିମ୍ ସ:ଆ:ସଙ୍କର ତିନିଜଣ ମୁଅଜନ୍ ଥିଲେ, ପ୍ରଥମ ହଜ୍‌ରତ୍ ବିଲାଲ ର:ଅ, ହଜ୍‌ରତ୍ ଅବୁ ମେହେଜୁରା ର:ଅ ଏବଂ ତୃତୀୟ ହଜ୍‌ରତ୍ ଉମ୍‌ରୋ ବିନ୍ ଉମ୍ମେ ମକ୍‌ତୁମ୍ ର:ଅ । ଆଙ୍କ ଜୀବନୀର ଆଉ କିଛି ଅଂଶ ବାକି ଅଛି ଯାହାକି ମୁଁ ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି ଇନ୍‌ଶାଅଲ୍ଲାଃ ତାଲା ।

ବର୍ତମାନ ମୁଁ କିଛି ମୃତକଙ୍କ ଉତମଗୁଣାବଳୀର ଚର୍ଚ୍ଚା କରିବି ଏବଂ ନମାଜ ଅନ୍ତେ ସେମାନଙ୍କ ନମାଜ ଯନାଜାଃ ଗାଏବ ପାଠ କରିବି ।

ପ୍ରଥମ ହେଲେ ପ୍ରୀୟ ରଉଫ୍ ବିନ୍ ମକ୍‌ଶୁଦ୍ ଜୁନିୟର ସାହେବଙ୍କର ଯେ, ବେଲ୍‌ଜିୟମର ନିବାସୀ ଥିଲେ ଏବଂ ଏଠାରେ ୟୁକେରେ ଯାମିୟା ଅହେମଦୀୟାରେ ଶିକ୍ଷା ହାସଲ କରୁଥିଲେ ଅର୍ଥାତ ଛାତ୍ର ଥିଲେ । ଚଳିତ ସେପ୍ଟେମ୍ବର ମାସ ୪ ତାରିଖ ଦିନ ସେ ଏହି ଇହ ଧାମ ତ୍ୟାଗ କଲେ, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ବେଲ୍‌ଜିୟମ୍‌ର ହାସଲଟ୍ (Hasselt) ଯମାତ୍ ସହିତ ତାଙ୍କର ସମ୍ପର୍କ ଥିଲା, ୨୦୧୮ ମସିହାରେ ସେ ଯାମିୟାରେ ପ୍ରବେଶ କରିଥିଲେ । ସେଠାରୁ ନିଜର ସେକେଣ୍ଡାରି ସ୍କୁଲ୍ ପାଶ୍ କରି ଅର୍ଥାତ ବେଲ୍‌ଜିୟମରୁ ପାଶ୍ କରି ଏଠାକୁ ଆସିଥିଲେ । ପ୍ରୀୟ ରଉଫ୍ ସାହେବ ଅତି ନିଷ୍ଠାବାନ୍ ଓ ଉତମ ସ୍ୱଭାବର ଯୁବକ ଥିଲେ, ଅତ୍ୟନ୍ତ ପରିଶ୍ରମୀ ଛାତ୍ର, ଶିକ୍ଷକମାନଙ୍କର ଅତି ପ୍ରୀୟ ଥିଲେ, କିଛି ଦିନ ପୂର୍ବେ ତାଙ୍କୁ ବ୍ରେନ୍ ଟ୍ୟୁମର ହୋଇଯାଇଥିଲା । ଛଅ ସାତ ମାସ ପର୍ଯ୍ୟନ୍ତ ସେ ଏହି ରୋଗରେ ପିଡ଼ିତ ରହିଲେ ଯାହାର ସେ ବେଶ୍ ସାହାସ ଓ ଧୈର୍ଯ୍ୟର ସହିତ ଏହି ପୀଡ଼ାକୁ ବରଦାସ୍ତ କରିଥିଲେ । ପରିଶେଷରେ ନିଜ ସୃଷ୍ଟିକର୍ତାଙ୍କ ନିକଟରେ ହାଜର ହୋଇଯାଇଥିଲେ ।

ତାଙ୍କ ପରିବାରରେ ଅହେମଦୀୟତ ତାଙ୍କ ଜେଜେଙ୍କ ଜରିଆରେ ଆସିଥିଲା ପାଖାପାଖି ୧୯୫୦ ମସିହାରେ । ଯେହେତୁ ତାଙ୍କର ନିଜ ବଂଶରେ ବେଶ୍ ପ୍ରତିଷ୍ଠା ଓ ପ୍ରଭାବ ରହିଥିଲା ଅର୍ଥାତ ତାଙ୍କ ଜେଜେଙ୍କର ତେଣୁ ସମ୍ପର୍କୀୟମାନେ କୌଣସି ପ୍ରକାର ପ୍ରତିବାଦ କରୁନଥିଲେ କିନ୍ତୁ ତାଙ୍କ ଦେହାନ୍ତ ପରେ ତାଙ୍କ ପରିବାରକୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା । ତାଙ୍କ ଅଜାଙ୍କ ପିତା ଅବ୍‌ଦୁଲ୍ ଅଲୀ ସାହେବ ଓ ତାଙ୍କ ପତ୍ନୀ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅଙ୍କ ହସ୍ତରେ ବୟତ କରିଥିଲେ । ପ୍ରୀୟ ରଉଫ୍ ସାହେବଙ୍କ ନିଜ ପିତାମାତାଙ୍କ ବ୍ୟତିତ ତିନି ଭଉଣୀ ଓ ଦୁଇ ଭାଇ ରହିଛନ୍ତି । ତାଙ୍କ ପିତାଙ୍କ ନାମ ହୁମାୟୁନ୍ ମକ୍‌ଶୁଦ୍ ସାହେବ ଓ ମାତାଙ୍କ ନାମ ମୁହସିନା ବେଗମ୍ ସାହିବା ଅଟେ । ସେମାନଙ୍କ ସନ୍ତାନମାନେ ଯଥାକ୍ରମେ, ଅଜିଜା ନିଶାତ୍ ପୁତ୍ରୀ, ଯାହାର ବୟସ ୧୮ ବର୍ଷ, ପୁତ୍ର ସ୍ୱାଲେହ ବୟସ ୧୪ ବର୍ଷ, ତସ୍‌ନିୟା ହୁମୈଜାଃ ବୟସ ୯ ବର୍ଷ, ପ୍ରୀୟ ଫାତେହ୍ ମକ୍‌ସୁଦ୍ ଯାହାର ବୟସ ୭ ବର୍ଷ ଅଟେ ଏବଂ ପ୍ରୀୟ ଜନ୍ନତୁଲ୍ ସାମିୟା ଯାହାର ବୟସ ୪ ବର୍ଷ ଅଟେ ।

ବେଲ୍‌ଜିୟମର ଅମୀର ସାହେବ ଲେଖିଛନ୍ତି, ପ୍ରୀୟ ରଉଫ୍ ସାହେବଙ୍କୁ ଶୈଶବାସ୍ଥାରୁ ଦେଖିବାକୁ ସୁଯୋଗ ମିଳିଛି, ସେ ଜଣେ ଅଲୌକିକ ଛୁଆ ଥିଲେ ଯେତେବେଳେ ମୁଁ ତାଙ୍କ ଯମାତ୍‌କୁ କୌଣସି କାମରେ ଯାଏ ବା ଗସ୍ତ କରେ ତାଙ୍କୁ ସର୍ବଦା ମସ୍‌ଜିଦ୍‌ରେ ପାଇଥାଏ ସେ ଜଣେ ସୁନ୍ଦର ଆଚରଣ କରୁଥିବା ପିଲା ଥିଲେ, ତାହାର ଦେହାନ୍ତ ପରେ ଦୁଇ ଦିନ ତାହାର ମରଶରୀରକୁ ଆମେ ରଖିଥିଲୁ ଏବଂ ଯମାତ୍‌ର ବହୁତ ଲୋକ ତାଙ୍କ ଶୋକ ସେବାରେ ସାମିଲ ହୋଇଥିଲେ ଏବଂ ଅନେକ ଲୋକ ତାଙ୍କ ବିୟୋଗରେ ରୋଦନ କରିଥିଲେ ଏବଂ ସେମାନେ ସମସ୍ତେ ମୃତକର ଅନେକ ସୁଗୁଣମୁଳକ ଘଟଣାବଳୀର ଚର୍ଚ୍ଚା ମଧ୍ୟ କରିଥିଲେ । ରୋଗର ପ୍ରାରମ୍ଭରେ ଯେତେବେଳେ ଡ଼କ୍ଟରମାନେ ତାଙ୍କୁ କହିଲେ ଯେ ତୁମକୁ ବ୍ରେନ କ୍ୟାନ୍ସର ହୋଇଛି ଯାହାକି ଅତ୍ୟନ୍ତ ଭୟଙ୍କର ହୋଇପାରେ । ସେତେବେଳେ ମଧ୍ୟ ତାଙ୍କ ଚେହେରାରେ କୌଣସି ପ୍ରକାର ଦୁଃଖ ବା ବିଦିନ୍ୟତାର ଚିହ୍ନବର୍ଣ୍ଣ ନଥିଲା ନା ସେ ସାହାସ ହରାଇଥିଲେ, ଡ଼କ୍ଟରଙ୍କ ସହିତ ସାକ୍ଷାତ କରିବାରୁ ଜଣେ ଡ଼ାକ୍ତର କହିଲେ, ମୁଁ ତାଙ୍କ ସହ କଥାଭାଷା ହୋଇଛି ସେଥିରୁ ମୁଁ ତାଙ୍କୁ ଚିହ୍ନିପାରିଛି ଯେ, ସେ ଜଣେ ଚମତ୍କାରି ଯୁବକ ଥିଲେ ଏବଂ ତାଙ୍କ ବୁଦ୍ଧି ବିଚାର ଅତ୍ୟନ୍ତ ଉଜ୍ଜଳମୟ ଥିଲା । ସେ ଅତ୍ୟନ୍ତ କଷ୍ଟ ଓ ଯନ୍ତ୍ରଣା ପାଇବା ସତ୍ୱେ ମଧ୍ୟ କୌଣସି ପ୍ରକାର ଅଭିଯୋଗ କରୁନଥିଲେ । ଡ଼ାକ୍ତରଙ୍କ କହିବା ଅନୁଯାୟୀ ଏଭଳି ଅବସ୍ଥାରେ ରୋଗୀ ଅତ୍ୟନ୍ତ କ୍ରୋଧିତ ଓ ଉତ୍ୟକ୍ତ ହୋଇଉଠେ, କିନ୍ତୁ ସେ ବହୁତ ସାହାସ ପ୍ରଦର୍ଶନ କରିଥିଲେ । ଅମୀର ସାହେବ ଆହୁରି ଲେଖିଛନ୍ତି ଯେ, ମୃତକଜଣକ ଖଲିଫାଙ୍କ ସହ ଅଗାଢ଼ ପ୍ରେମ ରଖିବା ସହିତ ଜଣେ ଓ ଆଜ୍ଞାକାରୀ ଥିଲେ । ସର୍ବଦା ମୁଖମଣ୍ଡଳରେ ସ୍ମିତହାସ୍ୟ ରହୁଥିଲା ଏବଂ ଛୋଟ ହେଉ ଅବା ବଡ଼ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ, ଆଦର କରୁଥିଲେ, ସମସ୍ତଙ୍କ ସହ ନମ୍ର ଆଚରଣ କରୁଥିଲେ ।

ହାସଲର ମୁରବୀ ସାହେବ କହୁନ୍ତି, ତାଙ୍କ ରୋଗ ଚିହ୍ନଟ ହେବା ପୂର୍ବରୁ ରମ୍‌ଜାନ୍ ମାସରେ ତାଙ୍କୁ ମୁଁ ଅଫ୍‌ତାଲ୍ ମାନଙ୍କର ଅନ୍‌ଲାଇନ୍ କ୍ଲାସ ନେବାକୁ କହିଲି ଏବଂ ସେ ବେଶ୍ ସୁନ୍ଦର ଭାବରେ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ, ଯେତେବେଳେ ସେ ଏହି ବ୍ୟାଧି ଯୋଗୁଁ ହସ୍ପିଟାଲ୍‌ରେ ଆଡ଼ମିଟ୍ ହେଲେ, ସେତେବେଳେ ମଧ୍ୟ ହସ୍ପିଟାଲ୍‌ରୁ ପିଲାମାନଙ୍କର କ୍ଲାସ ନେଉଥିଲେ ଏପରିକି କେତେକ ସମୟରେ କ୍ଲାସ ନେବା ଅବସ୍ଥାରେ ସେ ଚେତା ହରାଇ ବସୁଥିଲେ, ପୁଣି ଯେତେବେଳେ ଚେତା ଫେରିଆସୁଥିଲା ପୁନଶ୍ଚ କ୍ଲାସ ଆରମ୍ଭ କରିଦେଉଥିଲେ । କଦାପି ଏପରି କହିନାହାନ୍ତି ଯେ, ମତେ କଷ୍ଟ ହେଉଛି ଆଜି କ୍ଲାସ ବନ୍ଦ କରିଦେବା । ଅତ୍‌ଫାଲ୍ ପିଲାମାନେ ମଧ୍ୟ କହୁଥିଲେ ଯେ ଯେତେବେଳେ ଆପଣଙ୍କ ଯନ୍ତ୍ରଣା ବଢ଼ିଯିବ ଆପଣ କ୍ଲାସ ନିଅନ୍ତୁ ନାହିଁ । କିନ୍ତୁ ସେ ସର୍ବଦା ଏହା କହୁଥିଲେ, ଯେ ଯେତେବେଳେ ଯାମିୟା ଖୋଲିବ ଓ ମୁଁ ହଜୁର ଅନଓ୍ୱରଙ୍କୁ ସାକ୍ଷାତ କରିବି, ସେତେବେଳେ ତାଙ୍କୁ କଣ ଉତର ଦେବି କି ମୁଁ ଛୁଟିରେ ଯମାତ୍‌ର କେଉଁ ସେବା ସମ୍ପାଦନ କରିଛି ? ଦେଖ ତାଙ୍କ ଭିତରେ କିଭଳି ଆଗ୍ରହ, ଉତ୍ସାହ ଓ ମଗ୍ନତା ରହିଥିଲା ଯମାତ୍‌ର ସେବା କରିବାପାଇଁ ।

ଆଉ ଜଣେ ମୁରବୀ ସାହେବ ଲେଖିଛନ୍ତି, ୨୦୧୦ ମସିହାରେ ସେ ଗୋଟିଏ ସପ୍ତାହ ପାଇଁ ଓ୍ୱକ୍‌ଫେ ଆର୍‌ଜି ଅର୍ଥାତ କିଛି ଦିନ ପାଇଁ ସମୟ ଉତ୍ସର୍ଗୀ କରିଥିଲେ ସେତେବେଳେ ତାଙ୍କ ପିତା ତାଙ୍କୁ ମୋ ନିକଟରେ ଛାଡ଼ିଗଲେ ଯେ ସେ ଏଠାରେ ରହି ଟ୍ରେନିଙ୍ଗ ନିଅନ୍ତୁ କାରଣ ତାଙ୍କୁ ଯାମିୟାରେ ପ୍ରବେଶ ପାଇଁ ପ୍ରବେଶିକା ପରୀକ୍ଷା ଦେବାରେ ଅଛି । ସେତେବେଳେ ମୁଁ ତାଙ୍କୁ ଦେଖିଲି ଯେ ସେ ପାଂଚବେଳା ନମାଜ ପାଠ କରିବା ସହିତ ନମାଜ ତହ୍‌ଯୁଦ୍ ମଧ୍ୟ ପାଠ କରୁଥିଲେ । ମସ୍‌ଜିଦ୍ ର ଯେତେବେଳେ ରିନୋଭେସନ୍ କାର୍ଯ୍ୟ ଚାଲିଥିଲା ସେତେବେଳେ ସେ ଓ୍ୱକାରେ ଅମଲ୍ କରିବାକୁ ନିୟମିତ ଭାବରେ

ଚାଲିଆସୁଥିଲେ ଏବଂ ସବୁଠାରୁ କଷ୍ଟକର ଓ ଦୁଃସାଧ କାର୍ଯ୍ୟ ବହନ କରୁଥିଲେ । ପଥର ଓ ବଜୁରୀ ଉଠାଇବା କାର୍ଯ୍ୟ ମଧ୍ୟ ବେଶ୍ ଆନନ୍ଦର ସହ କରୁଥିଲେ । ଆଉ ଏକ ସୁଗୁଣ ତାଙ୍କ ମଧ୍ୟରେ ଏହା ଥିଲା କି ସମସ୍ତଙ୍କୁ ସଲାମ୍ କରିବାରେ ସେ ସର୍ବପ୍ରଥମେ ରହୁଥିଲେ । ତାଙ୍କ ମାତା କୁହନ୍ତି ଯେ, ସେ ଅନ୍ୟମାନଙ୍କୁ ନିଜ ଅପେକ୍ଷା ପ୍ରାଧାନ୍ୟ ଦିଅନ୍ତି ସାଧାରଣତଃ ସ୍କୁଲ୍ ଟିଫିନ୍ ନେଇ ଯାଆନ୍ତି ଏବଂ ସେଠାରେ ଖାଇ ଆସନ୍ତି । ଏକଦା ସ୍କୁଲ୍‌ରୁ ଆସି ମତେ କହିଲେ, ମାଆ ମତେ ଖାଇବାକୁ ଦିଅ ମୁଁ କହିଲି ତୁମେ ତ ଖାଇବା ନେଇ ଯାଇଥିଲ ତାହା କଣ ହେଲା ? ପ୍ରତିଉତରରେ ପ୍ରୀୟ ରଉଫ୍ କହିଲା ଯେ ଆଜି ଗୋଟେ ପିଲା ସ୍କୁଲ୍‌କୁ ଖାଇବା ନେଇ ଅସିନଥିଲା ତେଣୁ ମୁଁ ତାକୁ ମୋର ଖାଇବା ଦେଇଦେଲି ଏବଂ କହିଲି କି ମୁଁ ଘରେ ଯାଇ ଖାଇନେବି । ଏହିପରି ନିଜ ସାଥିମାନଙ୍କ ପ୍ରସଙ୍ଗରେ ଚିନ୍ତିତ ରହୁଥିଲେ କି ତୁମ ଭବିଷ୍ୟତ କଣ ହେବ । ତେଣୁ ଉତମ ଚରିତ୍ରବାନ ବନ୍ଧୁଙ୍କର ଚୟନ କର ଏବଂ ନିଜ ଭବିଷ୍ୟତକୁ ସୁନ୍ଦର ଓ ଉଜ୍ଜ୍ୱଳମୟ କରିବାକୁ ଚେଷ୍ଟା କର । ଜଲ୍‌ସା ଓ ଇଜ୍‌ତିମା ଆଦିରେ ବେଶ୍ ମନ ପ୍ରାଣର ସହିତ ଡ୍ୟୁଟି ଦେଉଥିଲେ, ବରଂ ତାଙ୍କର ଅଫିସର କୁହନ୍ତି ଯେ ଏକଦା ରାତ୍ରରେ ସିକ୍ୟୁରିଟି ଡ୍ୟୁଟି ଥିଲା ମୁଁ ତାଙ୍କୁ କିଛି ଖାଇବାକୁ ଦେବାରୁ ସେ କହିଲେ, ପ୍ରଥମେ ମୋ ସାଥିମାନଙ୍କୁ ଦିଅନ୍ତୁ ଅଧିକାଂଶ ୱକ୍‌ଫେ ନୌ ପିତାମାତାଙ୍କୁ ଅଧିକାଂଶ ସମୟରେ ସେମାନଙ୍କଠାରୁ ବହୁତ ଛୋଟ ହେବା ସତ୍ୱେ ପଚାରନ୍ତି ଓ ଧ୍ୟାନ ଆକର୍ଷିତ କରନ୍ତି ଯେ, ଚେଷ୍ଟା କରିବେ ଆପଣଙ୍କ ଛୁଆ ଯାମିୟାରେ ପାଠପଢୁ ।

ତାଙ୍କ ପିତାମାତା ମଧ୍ୟ ବେଶ୍ ସାହାସର ସହିତ ନିଜ ପୁତ୍ରର ବ୍ୟାଧିରେ ଆକ୍ରାନ୍ତ ସମୟକୁ ଅତିବାହିତ କଲେ । ତାଙ୍କ ମାତା କୁହନ୍ତି, ଯେ ଆମେ ତୁମକୁ ଅର୍ଥାତ ରଉଫ୍‌କୁ କୁହନ୍ତି ଯେ ଆମେ ତୁମକୁ ପ୍ରଭୁଙ୍କ ମାର୍ଗରେ ଅର୍ପଣ କରିଦେଇଛୁ । ଡ଼ାକ୍ତରମାନେ ସମସ୍ତ ଆଶା ଛାଡ଼ିଦେଇଥିଲେ ତେଣୁ ବେଶ୍ ସାହାସର ସହିତ କହିଲେ, ବର୍ତମାନ ତୁମେ ଯେଉଁଠିକୁ ଯାଉଛ ଅର୍ଥାତ ତାଙ୍କ ମାତା ତାଙ୍କ ପୁଅକୁ କହୁଛନ୍ତି ଯେ, ତୁମେ ଯେଉଁଠାକୁ ଯାଉଛ ସେହି ସ୍ଥାନ ମଧ୍ୟ ଅତ୍ୟନ୍ତ ଉପଯୁକ୍ତ ଓ ଶ୍ରେୟସ୍କର, ପ୍ରଭୁଙ୍କ ଧାର୍ଯ୍ୟ ବିଧାନରେ ରାଜି ରହିବାକୁ ଅନୁପ୍ରାଣିତ କରୁଥିଲେ । ସେ ସ୍ୱୟମ ମଧ୍ୟ ପ୍ରଭୁଙ୍କ ନିଷ୍ପତିରେ ରାଜି ରହୁଥିଲେ । ହସ୍ପିଟାଲ୍‌ରେ ଆଡ୍‌ମିଟ ଥିବା ସମୟରେ ସେ ମୋ ସହିତ ଯେଉଁ ଫଟୋ ଉତଳନ କରିଥିଲେ ଅର୍ଥାତ, ହଜୁରଙ୍କ ସହିତ ଯେଉଁ ଫଟୋ ଉଠାଇଥିଲେ । ନିଜ ବେଡ୍ ସମ୍ମୁଖରେ ରଖିଥିଲେ । ତାହା ମଧ୍ୟ ଯମାତ୍‌ର ପ୍ରଚାର ମାଧ୍ୟମ ସାଜିଥିଲା କାରଣ ତାହାକୁ ଦେଖି ଡ଼କ୍ଟରମାନେ ପଚାରୁଥିଲେ ଯେ ଏ କିଏ ? ତୁମେ କେଉଁ କମ୍ୟୁନିଟିର ? ସେତେବେଳେ ସେ ଯମାତ୍‌ର ପରିଚୟ କରାଉଥିଲେ କି ମସିହ ଯିଏ ଆସିବାର ଥିଲା ସେ ଆସିଯାଇଛନ୍ତି, ଏପରି କଥା ଆଗକୁ ବଢୁଥିଲା । ଅମୀର ସାହେବ କୁହନ୍ତି ମୁଁ ତାଙ୍କୁ କହିଲି ନିଃସନ୍ଦେହରେ ତୁମେ ରୋଗରେ ପିଡ଼ୀତ ଥିବା ସତ୍ୱେ ପ୍ରଚାର କାର୍ଯ୍ୟରେ ମଧ୍ୟ ନିୟୋଜିତ ରହିଛ ଏବଂ ଏହା ଦେଖି ମତେ ବହୁତ ଖୁସି ଲାଗୁଛି ।

ପୁଣି ସଦର ଅହେମଦୀୟା ଖୁଦାମୁଲ୍ ବେଲ୍‌ଜିୟମ କୁହନ୍ତି, ଖିଲାଫତ ସହ ତାଙ୍କର ଭଲପାଇବା ଅତୁଳନୀୟ ଥିଲା, ସେ କୁହନ୍ତି ଏକଦା ମୁଁ ଅତ୍‌ଫାଲ୍ ଓ ୱକ୍‌ଫେ ନୌ ପିଲାମାନଙ୍କୁ ହଜୁର ଅନୱରଙ୍କ ନିକଟକୁ ପତ୍ର ଲେଖିବାପାଇଁ କହିଲି । ସେତେବେଳେ ସେ ମୋ ନିକଟକୁ ଆସିଲେ ଏବଂ କହିଲେ ମୁରବୀ ସାହେବ ମତେ ଉର୍ଦ୍ଦୁ ଲେଖା ଜଣାନାହିଁ । ଆପଣ ଲେଖି ଦିଅନ୍ତୁ ମୁଁ ତାହାକୁ ନକଲ କରିଦେବି । ସଦର ସାହେବ ତାଙ୍କୁ କହିଲେ, ଅନ୍ୟପିଲାମାନେ ତ ଡ଼ଚ୍ ଭାଷାରେ ଲେଖୁଛନ୍ତି ତୁମେ ମଧ୍ୟ ଲେଖିଦିଅ, ସେ ଉତର ଦେଲେ ଯେ ମୁଁ ଚାହୁଁଛି ମୋର ପତ୍ର ହଜୁରଙ୍କ ନିକଟକୁ ସିଧାସଳଖ ପହଂଚୁ ଏବଂ ସେ ମୋ ପାଇଁ ଦୁଆ କରନ୍ତୁ । ପୁନଶ୍ଚ ମୂରବୀ ସାହେବ କୁହନ୍ତି ପ୍ରୀୟ ରଉଫ୍ ଯେତେବେଳେ ଛିଡ଼ା ହୋଇ ଅହଦ୍ ଅର୍ଥାତ ପ୍ରତିଶୃତି ଆବୃତି କରନ୍ତି କି ମୁଁ ନିଜ ଧନ, ଜୀବନ, ସମୟ, ମର୍ଯ୍ୟାଦା ସବୁକିଛି ଉତ୍ସର୍ଗ କରିବାପାଇଁ ସର୍ବଦା ପ୍ରସ୍ତୁତ ରହିବି, ଏବେ ସେ ଅଧମ ନିଜର ଏହି ପ୍ରତିଜ୍ଞା ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପାଳନ କରିଥିଲେ । ସେ କୁହନ୍ତି ମୁଁ ସ୍ୱଚକ୍ଷୁରେ ତାଙ୍କୁ ଆତୁରତାର ସହ ଭୋ ଭୋ ହୋଇ ରୋଦନ କରୁଥିବାର ଦେଖିଛି । ଯେତେବେଳେ ମୁଁ ଜଣେ ବନ୍ଧୁଙ୍କୁ ପ୍ରୀୟ ରଉଫ୍‌ଙ୍କ ସଂକ୍ରାନ୍ତରେ ପଚାରିଲି, ସେ କହିଲେ ଆଜି ଆମ ଗହଣରୁ ଆମ ଅତି ପ୍ରୀୟ ଓ ସମସ୍ତଙ୍କ କଥା ବୁଝୁଥିବା ସାଥିଟିଏ ଆରପାରିକୁ ଚାଲିଯାଇଛନ୍ତି । ଏପରି ସହାନୁଭୁତି ପୂର୍ଣ୍ଣ ବନ୍ଧୁ ସମସ୍ତଙ୍କୁ ମିଳିନଥାନ୍ତି ।

ପ୍ରଚାର କାର୍ଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ ଓ ଉତ୍କଣ୍ଠିତ ରହୁଥିଲେ । କେତେକ ସମୟରେ ଲୋକେ ସଙ୍କୋଚ ମନେ କରିଥାନ୍ତି । ଏକଦା ଆମେ Messiah has come ପରିପ୍ରେକ୍ଷୀରେ ଏକ କାର୍ଯ୍ୟକ୍ରମ ଆରମ୍ଭ କଲୁ ସେତେବେଳେ ସେ ଲୋକମାନଙ୍କୁ ଧରି ଧରି ନେଇ ଆମ ନିକଟକୁ ଆସୁଥିଲେ ଏବଂ ସେମାନଙ୍କୁ ଯମାତ୍‌ର ପତ୍ରିକା ପ୍ରଦାନ କରୁଥିଲେ । କଥୋପକଥନ କରାଉଥିଲେ, ସେମାନଙ୍କ ସହ ପରିଚିତ କରାଉଥିଲେ, ସେ ଯାହା ହେଉ ଯାମିୟାରୁ ମୂରବୀ ରୂପେ ଉତୀର୍ଣ୍ଣ ହେବା ପୂର୍ବରୁ ହିଁ ସେ ଜଣେ ଉତମ ମୂରବୀ ଓ ମୁବ୍‌ଲିଗ୍ ଥିଲେ । ଅଲ୍ଲାଃଙ୍କ ବିଧାନ ସେ ହିଁ ଜାଣନ୍ତି, କେତେକ ସମୟରେ ସୁଜନ ବ୍ୟକ୍ତିମାନଙ୍କୁ ଚଂଚଳ ସେ ନିଜ ନିକଟକୁ ଡ଼ାକିନେଇଥାନ୍ତି । ଅଲ୍ଲାଃ ତାଲ ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କ ସ୍ତର ଉନ୍ନିତ କରାନ୍ତୁ ତଥା ତାଙ୍କ ପିତାମାତଙ୍କୁ ଧେର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ଜଫର୍ ଇକ୍‌ବାଲ୍ କୁରୈଶି ସାହେବ ନାଏବ ଅମୀର ଜିଲ୍ଲା ଇସ୍‌ଲାମାବାଦଙ୍କର ଅଟେ । ସେ ଚଳିତ ସେପ୍ଟେମ୍ବର ମାସ ୩ ତାରିଖରେ ୮୭ ବର୍ଷ ବୟସରେ ଦେହ ତ୍ୟାଗ କଲେ, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ଜଣେ ନିଷ୍ଠାପର ପରିବାର ସହ ତାଙ୍କର ସମ୍ପର୍କ ଥିଲା ତାଙ୍କର ଜେଜେ ଅବ୍‌ଦୁଲ୍ଲାଃ କୁରୈଶି ସାହେବ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ଥିଲେ, ସେ ୧୯୦୪ ମସିହାରେ ବୟତ କରିଥିଲେ, ତାଙ୍କ ପନ୍ନୀ ଶ୍ରୀମତି ଅମ୍‌ତୁଲ୍ ହମିଦା ସାହେବଙ୍କ ଦଦା ହଜ୍‌ରତ୍ ଖଲିଫା ନୁର୍ଦ୍ଦିନ ସାହେବ ମଧ୍ୟ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ସାହାବି ଥିଲେ । ଏ ପ୍ରଥମ ଖଲିଫା ନୁହନ୍ତି ବରଂ ଆଙ୍କ ନାମ ଏପରି ଥିଲା, ହଜ୍‌ରତ୍ ମସିହ ମଉଦ ଆ:ସ ନିଜର କାଳଜୟୀ ପୁସ୍ତକ ତୌଫା-ଏ-ଗୋଲଡ଼ିଓ୍ୱିୟାରେ ମହଲ୍ଲା ଖାନିୟାର କଶ୍ମୀରରେ ହଜ୍‌ରତ୍ ମସିହ୍‌ଙ୍କ କବର ଥିବାର ଆପଣଙ୍କ ଅକ୍ଲାନ୍ତ ପରିଶ୍ରମର ସହ ଅନୁସନ୍ଧାନର ଚର୍ଚ୍ଚା କରିଛନ୍ତି । ଜଫର୍ ଇକ୍‌ବାଲ୍ କୁରୈଶି ସାହେବ ପ୍ରାଥମିକ ଶିକ୍ଷା ଅମୃତସରରୁ ହାସଲ କରିଥିଲେ, ପୁଣି ଦେଶ ବିଭାଜନ ପରେ ସେ ପାକିସ୍ତାନ ପିଣ୍ଡିକୁ ସ୍ଥାନାନ୍ତରିତ ହୋଇଯାଇଥିଲେ ସେଠାରୁ ମାଟ୍ରିକ ପାଶ୍ କରିବା ପରେ ଇଞ୍ଜିନିୟରର ସ୍ନାତକ ହାସଲ କରିଥିଲେ । ସେଥିଅନ୍ତେ ସେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ । ପୁନଶ୍ଚ ୟୁନାନ୍‌ରୁ ଏମ୍.ଏ.ସି ର ଡ଼ିଗ୍ରୀ ହାସଲ କରିଥିଲେ । ୧୯୯୪ ମସିହାରେ ନିଜ ଚାକିରିରୁ ଚିଫ୍ ଇଞ୍ଜିନିୟର ପଦବୀରୁ ଅବସର ନେଇଥିଲେ । ତା'ପରେ ଇସ୍‌ଲାମାବାଦ ସ୍ଥାନାନ୍ତରିତ ହୋଇ ସେଠାରେ ଯମାତ୍‌ର ବିଭିନ୍ନ ସେବା ସମ୍ପାଦନ କରିଥିଲେ । ୧୯୯୮ ମସିହାରେ ତାଙ୍କୁ ଅତିରିକ୍ତ ଅମୀର ଭାବରେ ମନୋନୀତ କରାଯାଇଥିଲା ସେ ସମୟରେ ଅନେକଥର ଅମୀର ର କାର୍ଯ୍ୟଭାର ନିର୍ବାହ କରିଥିଲେ । ୨୦୧୯ ମସିହା ପର୍ଯ୍ୟନ୍ତ ୨୧ ବର୍ଷରୁ ଉର୍ଦ୍ଧକାଳ ପର୍ଯ୍ୟନ୍ତ ସେ ଅତିରିକ୍ତ ଅମୀର ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ବାର୍ଦ୍ଧକ୍ୟ ବସ୍ଥା ଓ ଅନେକ ରୋଗରେ ପିଡ଼ୀତ ହେବା ସତ୍ୱେ ମଧ୍ୟ ନିୟମିତ ଭାବରେ ମସ୍‌ଜିଦ୍ ଆସୁଥିଲେ ଏବଂ ନିଜର ନିତିଦିନଆ କାର୍ଯ୍ୟ ସମ୍ପାଦନ କରୁଥିଲେ । ଖୁବ୍ କମ୍ କଥା କହୁଥିଲେ ଏବଂ ଉପଯୁକ୍ତ ରାୟ ପ୍ରଦାନ କରୁଥିବା ମଣିଷଟିଏ ଥିଲେ । ବ୍ୟବସ୍ଥାମୁଳକ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଢ଼େର୍ ଅଧିକ ଥିଲା । ବେଶ୍ ଧ୍ୟାନ ପୂର୍ବକ ଓ ସତର୍କତାର ସହ ସମସ୍ତ କାର୍ଯ୍ୟ ନିର୍ବାହ କରୁଥିଲେ । ଯମାତ୍‌ର ପୁଞ୍ଜି ପ୍ରତି ଦରଦ ଥିଲା । ବେଶ୍ ସମ୍ବେଦନଶୀଳ ବ୍ୟକ୍ତି ଥିଲେ । ମୁଁ ଯେତେବେଳେ ନାଜିରେ ଆଲା ଥିଲି ସେତେବେଳେ ତାଙ୍କୁ ବେଶ୍ ନିକଟରୁ ଦେଖିବାକୁ ସୁଯୋଗ ମିଳିଥିଲା । ଅଲ୍ଲାଃଙ୍କ କୃପାରୁ ନିଃସ୍ୱାର୍ଥପର ଭାବରେ ବିନମ୍ରତାର ସହ ସେବା ସମ୍ପାଦନ କରୁଥିଲେ ଏବଂ ନିଜଠାରୁ ବୟସରେ ବହୁତ ଛୋଟମାନଙ୍କୁ ମଧ୍ୟ, ଯେଉଁମାନେ ତାଙ୍କର ଉଚ୍ଚପଦସ୍ଥ ଅଧିକାରି ଥିଲେ, ତାଙ୍କର ପୁର୍ଣ୍ଣ ଆଜ୍ଞାକାରୀ ହେଉଥିଲେ, ଆଦେଶ ପାଳନ କରୁଥିଲେ ।

ସେ ନିଜ ପଛରେ ନିଜ ପନ୍ନୀଙ୍କ ବ୍ୟତିତ ଚାରିଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ସେମାନେ ହେଲେ, ଅମ୍‌ତୁଲ୍ ରସିଦ୍ ସାହେବା, ଡ଼ାକ୍ତର ସଦଫ୍ ଜଫର୍ ସାହିବା, ସାଦିଆ ଚୌଧୁରୀ ସାହିବା ଏବଂ ଆଇଶା ତାରିକ୍ ସାହିବା । ସେମାନଙ୍କ ମଧ୍ୟରୁ ଜଣେ କାନାଡ଼ାରେ ଅଛନ୍ତି ବାକି ଲାହୋର୍‌ରେ ବସବାସ କରୁଛନ୍ତି । ତାଙ୍କ କନ୍ୟା ଆଇଶା ତାରିକ୍ ସାହେବା କୁହନ୍ତି, ବାଲ୍ୟକାଳରେ ମୁଁ ଯେତେବେଳେ ସ୍କୁଲ୍ ଯିବା ଆରମ୍ଭ କଲି ସେତେବେଳେ ବାର୍ଷିକ ପରୀକ୍ଷା ପୂର୍ବରୁ ଖଲିଫାଙ୍କ ନିକଟକୁ ମୋ ତରଫରୁ ଦୁଆ ପାଇଁ ପତ୍ର ଲେଖନ୍ତି ପୁଣି ଯେତେବେଳେ ସ୍କୁଲ୍‌ରେ ମୋର ପୋଜିସନ୍ ଆସେ ସେତେବେଳେ ମଧ୍ୟ ହଜୁରଙ୍କୁ ପତ୍ର ଲେଖି ଜଣାନ୍ତି ଓ ଉତର ଆସିଲେ ପଢ଼ି ଆମକୁ ଶୁଣାନ୍ତି ବଡ଼ ହେବାପରେ ଆମକୁ ସ୍ୱୟମ ପତ୍ର ଲେଖିବାକୁ ପ୍ରୋତ୍ସାହିତ କଲେ ଏବଂ ନିଜେ ପ୍ରସ୍ତୁତ କରି ମଧ୍ୟ ଦେଉଥିଲେ କି ଏପରି ଲେଖି ହଜୁରଙ୍କ ନିକଟକୁ ପତ୍ର ପ୍ରେରଣ କର । ଏଭଳି ଅତି ସାଦରତାର ସହ ଛୋଟ ବୟସରେ ଆମ ହୃଦୟରେ ଖଲିଫାଙ୍କ ପ୍ରତି ସ୍ନେହ ଓ ଭଲପାଇବାର ଭାବନାକୁ ଦୃଢ଼ିଭୁତ କରିଥିଲେ । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ତାଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଓ ଶାନ୍ତି ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ କାବିନେ କାବାଜା କାଟା ସାହିବା ସିନେଗାଲ୍‌ଙ୍କର ସେ ଅଗଷ୍ଟ ମାସ ୨୪ ତାରିଖରେ ୮୫ ବର୍ଷ ବୟସରେ ଦେହ ତ୍ୟାଗ କଲେ, *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* । ଅତ୍ୟନ୍ତ ସାହାସି, ନିଷ୍ଠାବାନ ଓ ଖିଲାଫତ ସହ ପ୍ରିତି ସମ୍ପର୍କ ରକ୍ଷାକାରୀ, ଯମାତ୍‌ର ସାଧାରଣ ସ୍ୱାଭିମାନ ରଖୁଥିବା ସେବକ, ବଳିଦାନକାରୀ, ଅତିଥିସତ୍କାରୀ ଓ ନିୟମିତ ଭାବରେ ନମାଜ ପାଠକାରୀ ମଣିଷ ଥିଲେ । ଯେତେବେଳେ ତାଙ୍କ ଅଂଚଳକୁ ଯମାତ୍‌ର ପ୍ରତିନିଧିମଣ୍ଡଳ ଗସ୍ତ କରିବାକୁ ଯାଆନ୍ତି ସେ ସଦେବ ସେମାନଙ୍କ ପୂର୍ଣ୍ଣ ସତ୍କାର ବ୍ୟବସ୍ଥା ନିଜ ତରଫରୁ ହିଁ କରିଥାନ୍ତି । ଯଦି ଅତିଥିମାନେ ବାହାରେ ଖାଇନେଉଥିଲେ ତେବେ ସେଥିରେ ସେ ବହୁତ ମନ ଊଣା କରୁଥିଲେ କି ମତେ କାହିଁକି ସୁଯୋଗରୁ ବଂଚିତ ରଖିଲେ । ଅତିଥିମାନଙ୍କ ପାଇଁ ନିଜ ଘରକୁ ମଧ୍ୟ ଖାଲି କରିଦେଉଥିଲେ ଏବଂ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ଯଥୋଚିତ ପ୍ରୟାସ କରୁଥିଲେ । ଶୋସିଆଲିଷ୍ଟ ଦଳ ତରଫରୁ ନିର୍ବାଚନରେ ଭାଗ ନେଇ ଅଠର ବର୍ଷ ପର୍ଯ୍ୟନ୍ତ ଦେଶିୟ ପାର୍ଲାମେଂଟରେ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ, ଜଣେ ନିଷ୍ଠାପର

ଓ ବିଶ୍ୱସ୍ଥ ଅହେମଦୀ ଥିଲେ, ସେ ପର୍ଯ୍ୟନ୍ତ ଯମାତ୍ ରେଜିଷ୍ଟ୍ରର ହୋଇନଥିଲା ସେ ପର୍ଯ୍ୟନ୍ତ ଯମାତ୍ର ସମ୍ପତି ତାଙ୍କ ନାମରେ ଥିଲା । ମିଶିନାରୀ ଇନ୍‌ଚାର୍ଜ ସାହେବ ଲେଖିଛନ୍ତି ୨୦୧୨ ମସିହାରେ ମୁଁ ସିନେଗାଲ୍ ଆସିଲି ଓ ନିଜର ଦାୟିତ୍ୱ ନେଲି ସେତେବେଳେ ଯମାତ୍ର ପଂଞ୍ଜୀକରଣ ହୋଇନଥିଲା ମୃତକଜଣକ ସଙ୍ଗେ ସଙ୍ଗେ ମତେ କହିଲେ ଜୀବନର କୌଣସି ଭରଷା ନାହିଁ ଆପଣ ଖୁବ୍ ଶିଘ୍ର ଯମାତ୍ର ସମ୍ପତି ଯାହାକି ମୋ ନାମରେ ଅଛି, ତାହା ଯମାତ୍ ନାମରେ ରେଜେଷ୍ଟ୍ରି କରାଇନିଅନ୍ତୁ । ଯେତେବେଳେ ମୁଁ କୌଣସି ଅସମୟର ସମ୍ମୁଖୀନ ହୋଇଛି ସେ ସର୍ବଦା ସର୍ବପ୍ରଥମେ ଅଂଟା ଭିଡ଼ି ଛିଡ଼ା ହେଉଥିଲେ । ଜଣେ ଧର୍ମସେବକଠାରୁ ବଳି କାମ କରୁଥିଲେ, ଦୀର୍ଘ ସମୟ ପର୍ଯ୍ୟନ୍ତ ନିଜ ଯମାତ୍ର ସଦର ଭାବରେ ସେବା ସମ୍ପାଦନ କରିଛନ୍ତି । କେନ୍ଦ୍ରିୟ ଆମେଲାରେ ସେକ୍ରେଟାରୀ ଉମୁରେ ଖାରଜା ରୂପେ ମଧ୍ୟ ସେବା ସମ୍ପାଦନ କରିବାର ତାଙ୍କୁ ସୁଯୋଗ ମିଳିଛି । ଏହା ଅନ୍ତେ ପୂର୍ବରୁ ତିନି ଏକର ଜମି ଯମାତ୍ର ସ୍କୁଲ୍ ପାଇଁ ଅର୍ପଣ କରିଥିଲେ, ଆଉ ତିନି ଏକର ଜମି ଯମାତ୍ର ମିଶନ ହାଉସ ପାଇଁ ପ୍ରଦାନ କରିଥିଲେ ଏବଂ ୬ ଏକର ଜମିର ଦସ୍ତାବେଜ୍ ମୁବଲିଗ୍ ସାହେବଙ୍କ ହସ୍ତରେ ହସ୍ତାନ୍ତର କରିଥିଲେ । ଏହା ଯମାତ୍ର ଅମାନତ୍ ଏହାକୁ ସମ୍ଭାଳି ରଖନ୍ତୁ । ତା'ପରେ କହିଲେ, ମୁଁ ଗିନିକନାକରି ଯାଉଛି ଆଶା ନାହିଁ ସେଠାରୁ ଫେରି ପାରିବି କି ନାହିଁ ।

ୟୁକେ ଜଲ୍‌ସାକୁ ମଧ୍ୟ ଅନେକଥର ଆସି ଯୋଗ ଦେଇଛନ୍ତି । ଚତୁର୍ଥ ଖଲିଫାଙ୍କ ସମୟ କାଳରେ ୨୦୧୯ ମସିହାରେ ଶେଷଥର ପାଇଁ ଜଲ୍‌ସା ସାଲାନା ୟୁକେରେ ସାମିଲ ହୋଇଥିଲେ । ଅମୀର ସାହେବଙ୍କୁ କହିଲେ, ଜୀବନର କୌଣସି ଭରଷା ନାହିଁ ତେଣୁ ମୋର ଅଭିଳାଷ କି ଖଲିଫାଙ୍କ ସମୁଖରେ ବସି ତାଙ୍କୁ ଅଧିକ ଟିକିଏ ଦେଖିନିଏ । ପରେ ସାକ୍ଷାତରେ କହିଲେ ମୋର ଉଦ୍ଦେଶ୍ୟ ପୂରଣ ହୋଇଗଲା ଅର୍ଥାତ ହଜୁରଙ୍କୁ କହିଥିଲେ, ହଜୁରଙ୍କ ସହ ସାକ୍ଷାତ କରି ।

ମୌଲବୀ ମୁନଓ୍ୱର ଖୁର୍‌ଶିଦ୍ ସାହେବ କୁହନ୍ତି, ସେ ସିନେଗାଲ୍‌ର ସୁପ୍ରସିଦ୍ଧ ରାଜନେତା ଓ ବ୍ୟବସ୍ଥାପକ ବ୍ୟକ୍ତିତ୍ୱ ଥିଲେ, ମୁଳତଃ ସେ ଶିକ୍ଷା ବିଭାଗ ସହ ଜଡ଼ିତ ଥିଲେ, ପରେ ରାଜନିତୀକୁ ଆସିଲେ କାରଣ ତାଙ୍କ ପରିବାର ବଂଶଗତ ଭାବରେ ଏହି କ୍ଷେତ୍ରରେ ଥିଲେ । ୧୯୯୫ ମସିହାରେ ଡ଼େପୁଟି ସ୍ପିକର ନ୍ୟାସନାଲ ଅସେମ୍ବଲିଙ୍କ ମାଧମରେ ତାଙ୍କ ନିକଟରେ ଯମାତ୍ର ବାର୍ତା ପହଂଚିଥିଲା ତା'ପରେ ଖୁବ୍ ଶିଘ୍ର ପ୍ରଭୁ ତାଙ୍କ ହୃଦୟକୁ ଉନ୍ମୁକ୍ତ କରିଦେଲେ । ଯଦ୍ୱାରା ସେ ଖୋଲା ମନ ଓ ପ୍ରସସ୍ତ ହୃଦୟର ସହ ବୟତ କଲେ । ସିନେଗାଲ୍‌ର ଅଧିକାଂଶ ବୟତକାରୀ ଶ୍ରମିକ ଶ୍ରେଣୀର ଅଟନ୍ତି ଅବା ଚାଷବାସ କରୁଥିବା ଲୋକେ ଯେ ନିଜ ସାମର୍ଥ୍ୟ ଅନୁଯାୟୀ ଅର୍ଥଦାନ କରିଥାନ୍ତି କିନ୍ତୁ ସେ ବୟତ କରିବାପରେ ମୁକ୍ତ ହସ୍ତରେ ଅର୍ଥଦାନ କରୁଥିଲେ । ଅତ୍ୟନ୍ତ ବୀର ଓ ସାହାସୀ ବ୍ୟକ୍ତି ଥିଲେ, ଧର୍ମପ୍ରଚାର କାର୍ଯ୍ୟରେ ତାଙ୍କର ଆଗ୍ରହ ପାଗଳପରି ଥିଲା ଏପରି ଦେଶର ମୁଖ୍ୟଙ୍କ ନିକଟରେ ଅର୍ଥାତ ଦେଶର ରାଷ୍ଟ୍ରପତି ନିକଟରେ ମଧ୍ୟ ଯମାତ୍ର ବାର୍ତା ପହଂଚାଇବାରେ ସଙ୍କୋଚ କରିନଥିଲେ ଏବଂ ଏହି ସୌଭାଗ୍ୟ ଅର୍ଜନ କରିଥିଲେ । ତାଙ୍କ ବନ୍ଧୁ ଓ ପରିଜନଙ୍କ ପରିସର ବେଶ୍ ବ୍ୟାପକ ଥିଲା ପ୍ରତ୍ୟେକ ସାକ୍ଷାତକାରୀଙ୍କ ନିକଟରେ ଯମାତ୍ର ବାର୍ତା ପହଂଚାଉଥିଲେ । ସର୍ବଦା ତାଙ୍କ ଗାଡ଼ିର ଯମାତ୍ର ପ୍ରତ୍ରିକା ଓ ବୟତ ଫର୍ମ ଦେଖିବାକୁ ମିଳୁଥିଲା । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ତାଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ଓ ଶାନ୍ତି ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ଯାହା ମୁଁ ପାଠ କରିବି ସେ ହେଲେ, ଶ୍ରୀମାନ୍ ମୁବଶିର୍ ଲତିଫଂ ସାହେବ, ଯିଏ କାନାଡ଼ାର ସୁପ୍ରମିକୋର୍ଟରେ ଆଡ଼ଭୋକେଟ ଥିଲେ, ପ୍ରଥମେ ସେ ଲାହୋରରେ ରହୁଥିଲେ ଚଳିତ ମଇ ମାସ ୫ ତାରିଖ ଦିନ ତାଙ୍କର ୮୫ ବର୍ଷ ବୟସରେ ଦେହାନ୍ତ ହେଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ତାଙ୍କ ହୃଦୟରେ ହଜୁର ସ:ଆ:ସ ଓ ହଜରତ୍ ମସିହ ମଉଦ୍ ଆ:ସ ତଥା ଖଲିଫାମାନଙ୍କ ପ୍ରତି ଅଶେଷ ପ୍ରେମ ଭରି ରହିଥିଲା । ତାଙ୍କ ନନା ଶ୍ରୀମାନ୍ ଶେଖ୍ ମେହେର୍ ଅଲୀ ସାହେବ୍ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ଅତି ନିକଟତମ ବନ୍ଧୁ ଥିଲେ । ହଜୁର ଆ:ସ ତାଙ୍କ ଘରେ ହୋସିୟାରପୁରରେ ୪୦ ଦିନ ପର୍ଯ୍ୟନ୍ତ ଚିଲା କରିଥିଲେ ଯେଉଁଠାରେ ଆପଣ ଆ:ସଙ୍କୁ ହଜ୍‌ରତ୍ ମୁସ୍‌ହେଲ ମଉଦ୍ ର:ଅଙ୍କ ଭବିଷ୍ୟବାଣୀ ହୋଇଥିଲା । ୧୭ ବର୍ଷ ପର୍ଯ୍ୟନ୍ତ ମୁବ୍‌ଶିର୍ ଲତିଫଂ ସାହେବଙ୍କୁ ଫୈସଲଟାଉନ୍ ଲାହୋର୍‌ର ସଦର ଯମାତ୍ ଭାବରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ ହୋଇଛି । ପାକିସ୍ତାନର ଯମାତ୍ର ଓକିଲମାନଙ୍କ ଯେଉଁଦଳ ଥିଲା ସେଥିରେ ଏ ସାମିଲ ଥିଲେ ଏବଂ ଏଥିରେ ଗର୍ବ ଅନୁଭବ କରୁଥିଲେ । ଅନେକ କଏଦୀମାନଙ୍କ ସେବା ଓ ସାହାଯ୍ୟ କରିବାର ସୁଯୋଗ ଲାଭ କରିଥିଲେ ସେ ସେହି ତିନିଜଣ ଓକିଲମାନଙ୍କ ମଧ୍ୟରୁ ଜଣେ ଥିଲେ ଯିଏ ୧୯୭୪ ମସିହାରେ ଯମାତ୍ର ପ୍ରତିନିଧିତ୍ୱ କରିବାର ଅବସର ପ୍ରାପ୍ତ କରିଥିଲେ । ୪୬ ବର୍ଷ ପର୍ଯ୍ୟନ୍ତ ପଞ୍ଜାବ ୟୁନିଭର୍ସିଟିର ଲ କଲେଜରେ ଶିକ୍ଷାଦାନର କର୍ତବ୍ୟ ସମ୍ପାଦନ କରିଥିଲେ । ଲାହୋରର ମର୍ଡନଟାଉନ୍ ମସ୍‌ଜିଦ୍‌ରେ ଯେତେବେଳେ ଉଗ୍ରବାଦୀମାନେ ଆକ୍ରମଣ କଲେ, ସେତେବେଳେ ସେ ସେଠାରେ ଉପସ୍ଥିତ ଥିଲେ, ଅଲ୍ଲାଃ ତାଲାଙ୍କ କୃପାରୁ ସେ ସେହି ଆକ୍ରମଣରୁ ବର୍ତିଯାଇଥିଲେ କିନ୍ତୁ ତାଙ୍କ ସାନଭାଇ ନଇମ୍ ସାଜିଦ୍ ସାହେବ୍ ଘଟଣାସ୍ଥଳରେ ହିଁ ଶହୀଦ ହୋଇଯାଇଥିଲେ, ତା'ପରେ ସେ କାନାଡ଼ା ସ୍ଥାନାନ୍ତରିତ ହୋଇଯାଇଥିଲେ । ନମାଜ, ରୋଜା ଓ ତହ୍‌ୟୁଦ୍ ନିୟମିତ ଭାବରେ ସମ୍ପାଦନ କରୁଥିବା ବ୍ୟକ୍ତିତ୍ୱ ଥିଲେ, ପବିତ୍ର କୁର୍‌ଆନ୍ ସହ ଅସୀମ ପ୍ରେମ ଥିଲା ଅଲ୍ଲାଃ ତାଲାଙ୍କ କୃପାରୁ ମୁସି ଥିଲେ । ନିଜ ପଛରେ ପତ୍ନୀଙ୍କ ବ୍ୟତିତ ୬ଜଣ କନ୍ୟା ଓ ଅନେକ ନାତିନାତୁଣୀ ଛାଡ଼ି ଯାଇଛନ୍ତି ।

ମଲକ୍ ତାହେର୍ ସାହେବ୍ ଅମୀର ଯମାତ୍ ଲାହୋର ଲେଖିଛନ୍ତି, ମୃତକଜଣକ ସୁଦକ୍ଷ ଓ ଉଚ୍ଚ ଶିକ୍ଷିତ ଓକିଲ ଥିଲେ ତାଙ୍କ କର୍ମରେ ତାଙ୍କୁ ବେଶ୍ ମର୍ଯ୍ୟାଦା ଲାଭ ହୋଇଥିଲା । ୧୯୮୪ ମସିହାପରେ ଆମ ୟୁବକସଂଘ ବିରୋଧରେ କଲିମା ତୟବା ପରିପ୍ରେକ୍ଷୀରେ ଯେଉଁ କେଶ୍ ଦାୟର କରାଯାଇଥିଲା ମାଜିଷ୍ଟ୍ରେଟ୍ ଅଦାଲତରେ ସେ ସେଥିରେ ଯଦିଚ ହାଇକୋର୍ଟର ଓକିଲ ନିମ୍ନ ଅଦାଲତରେ ସିଧାସଳଖ ଭାବରେ ଲଢ଼ିବା ସମ୍ଭବ ନଥିଲା କିନ୍ତୁ ଯମାତ୍ର ସପକ୍ଷରେ ମାଜିଷ୍ଟ୍ରେଟ ସମ୍ମୁଖରେ ଉପସ୍ଥିତ ହେଉଥିଲେ ଏବଂ ଯମାତି ମୋକଦ୍ଦମାରେ ନିୟମିତ ସେବା ସମ୍ପାଦନ କରିଥିଲେ । ଅତ୍ୟନ୍ତ ଉପଯୁକ୍ତ ଅନୁକୁଳ ମନ୍ତବ୍ୟ ପ୍ରଦାନ କରୁଥିଲେ, ଅନେକ ମାଜିଷ୍ଟ୍ରେଟ ଓ ଜଜ ତାଙ୍କ ଶିଷ୍ୟ ରହିଛନ୍ତି କିନ୍ତୁ ଏ ନିଜ ଶିଷ୍ୟଙ୍କ ସମ୍ମୁଖରେ ମଧ୍ୟ ଉପସ୍ଥିତ ହେବାକୁ ତିଳେମାତ୍ର ସଂକୋଚ ଅନୁଭବ କରୁନଥିଲେ ।

ମୁବାରକ୍ ତାହେର୍ ସାହେବ୍ ମୁଣିରେ କାନୁନି କୁହନ୍ତି, ଯେ ମୁବ୍‌ଶିର୍ ଲତିଫଂ ସାହେବଙ୍କର ଯମାତିୟ ସେବାର ଆରମ୍ଭ ୧୯୮୪ ମସିହାରୁ ଚାଲିଆସୁଅଛି ୧୯୮୪ ମସିହାରେ ଯେଉଁ ଅର୍ଡ଼ିନାଂସ ପାରିତ ହୋଇଥିଲା ତାହା ବିପକ୍ଷରେ ଅଦାଲତରେ କେଶ୍ ଆରମ୍ଭ ହୋଇଥିଲା । ଏମିତି ତ ସେହି ଆଇନ ଉପରେ କିଛି ବି ହେବାର ନଥିଲା ଏବଂ ଜଣାଥିଲା ତାହାକୁ ବଦଳାଇ ଦିଆଯାଇପାରିବ ନାହିଁ କିନ୍ତୁ ସେ ଓ ତାଙ୍କ ସାଥିମାନେ ସେହି କେଶ୍‌ରେ ବେଶ୍ ପରିଶ୍ରମ କରିଥିଲେ ଓ ବହୁତ ପରିଶ୍ରମ କରି କେଶ୍ ପ୍ରସ୍ତୁତ କରିଥିଲେ । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂର୍ଣ୍ୟକର୍ମ ଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ । ନମାଜ ଜୁମା ପରେ ଯେପରି କି ମୁଁ କହିଲି ଇନ୍‌ଶଅଲ୍ଲାଃ ତାଲା ଏମାନଙ୍କ ନମାଜ ଯନାଜାଃ ଗାଏବ ପାଠ କରିବି ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ବହୁତ ଦୁଃଖ କଷ୍ଟ ସହଜ କରୁଛନ୍ତି, କିନ୍ତୁ ଅହେମଦୀମାନେ ଶାନ୍ତିପ୍ରୀୟ ଓ ଆଇନ କାନୁନକୁ ମାନି ଚଳୁଥିବା ନାଗରୀକ ଅଟନ୍ତି । ଆପଣମାନେ ନିଜର ଏହି ସ୍ଲୋଗାନ୍ "ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ" ଜରିଆରେ ପରିଶେଷରେ ଆପଣମାନେ ଏ ଦୁନିଆରୁ ଘୃଣା ଓ ବିଦ୍ୱେଷଭାବକୁ ଶେଷ କରିଦେବେ ।

ହଜୁର ଅନଓ୍ୱର ଅ:ବ:ଅ ଏଠାକୁ ଆସିବା ଯୋଗୁଁ ମୁଁ ପୁଣି ଏକବାର ହଜୁରଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଓ ଏ ଆଶ ରଖିଛି ଯେ ହଲାଣ୍ଡରେ ଆପଣଙ୍କର ରହଣି ବହୁତ ଉତବ ହେବ ।

ତା'ପରେ Mr Rene Eekhuis ସାହେବ ଯିଏ ଅଲ୍‌ମେରେ ସିଟି କାଉନ୍‌ସିଲ୍‌ରେ ଗୋଟିଏ ରାଜନୈତିକ ଦଳ "Respect Almere" ର ଚେୟାରମ୍ୟାନ ଅଟନ୍ତି, ସେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ: ଆପଣ ସମସ୍ତଙ୍କ ଉପରେ ପ୍ରଭୁଙ୍କର ଆଶିର୍ବାଦ ହେଉ । ଆମ ରାଜନୈତିକ ଦଳର ଆଭିମୁଖ୍ୟ ହେଉଛି ସମସ୍ତଙ୍କ ପାଇଁ ଧର୍ମୀୟ ସ୍ୱାଧିନତା ରହିଛି ଓ ସେଥିରେ ମୁସଲମାନ ମଧ୍ୟ ସାମିଲ ଅଛନ୍ତି । ଏଠି ଅଲ୍‌ମେରେ ସହରରେ ଆଉ ଏକ ମସ୍‌ଜିଦ୍ ମଧ୍ୟ ରହିଛି, ଯିଏ ନିଜ ପିଲାମାନଙ୍କୁ ଘୃଣଶ କରିବାର ଶିକ୍ଷା ଦେଉଛନ୍ତି । ଆମେ ସେହି ମସ୍‌ଜିଦ୍‌ଟିକୁ ଦଳ କରିବାକୁ ଚାହୁଁଚୁ କିଛି ମାସ ପୂର୍ବେ ଆମକୁ ଆପଣଙ୍କର ଏହି ମସ୍‌ଜିଦ୍ ତରଫରୁ ନିମନ୍ତ୍ରଣ ମିଳିଲା, ତାହା ଆମେ ଗ୍ରହଣ କଲୁ । ଆମେ ଆମ ଦଳ ସର୍ବୋଚ୍ଚ ନେତା Gerdwin Lammersଙ୍କ ସହିତ ଏହି ମସ୍‌ଜିଦ୍‌କୁ ପରିଦର୍ଶନ କରିସାରିଛୁ । ଆମ ପାର୍ଟି ଏହା ଚାହୁଁଛୁ ଯେ ପ୍ରତ୍ୟେକଙ୍କୁ ସମ୍ମାନ ମିଳୁ । ଆପଣଙ୍କ ସ୍ଥାନୀୟ ଇମାମ୍ ଶ୍ରୀମାନ୍ ସଫିର୍ ସଦ୍ଦିକି ସାହେବ୍ ମଧ୍ୟ ଏହି କାର୍ଯ୍ୟ କରୁଛନ୍ତି । ଆମ ପାର୍ଟି ନିକଟରେ ଏହିପରି ମିଳାମିଶା ଦ୍ୱାରା ଜଣେ ଅନ୍ୟ ଜଣଙ୍କୁ ବୁଝିପାରିବେ । ଆପଣଙ୍କ ଯମାତ୍ର ଏଠିକାର ସ୍ଥାନୀୟ ଇମାମ୍ ସର୍ବଦା ବାର୍ତାଳାପ କରିବାପାଇଁ ପ୍ରସ୍ତୁତ ଅଛନ୍ତି । ତେଣୁ ଅଲ୍‌ମେରେ ସହରରେ ଯମାତ୍ ଅହେମଦୀୟାକୁ ସ୍ୱାଗତ ଜଣାଉଛୁ । ଆପଣଙ୍କର ସ୍ଲୋଗାନ୍ "ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ"କୁ ଆମ ପାର୍ଟି ସ୍ୱାଗତ କରୁଛି । ଅଲ୍‌ମେରେ ସହରରେ ମସ୍‌ଜିଦ୍ ନିର୍ମାଣ କରିଥିବା ଯୋଗୁଁ ଆମେ ଆପଣମାନଙ୍କୁ ଶୁଭେଚ୍ଛା ଜଣାଉଛୁ । ବହୁତ ବହୁତ ଧନ୍ୟବାଦ । ତା'ପରେ ସିଖ୍ କମ୍ୟୁନିଟିର ଜଣେ ମାର୍ଗଦର୍ଶକ ସର୍‌ଦାର ଭୁପିନ୍ଦର ସିଂଘ ନିଜର ଅଭିଭାଷଣରେ କହିଲେ: ମୁଁ ହଲାଣ୍ଡରେ ରହୁଥିବା ସିଖ୍ କମ୍ୟୁନିଟି ତରଫରୁ ଆଜି ଏହି ପବିତ୍ର ଦିନରେ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି । ମୁଁ ଆପଣଙ୍କ ମର୍କଜ କାଦିଆନ୍ ମଧ୍ୟ ଯାଇଛି, ଯେଉଁଠି ମତେ ଅତ୍ୟନ୍ତ ସମ୍ମାନ ଓ ଶ୍ରଦ୍ଧା ମିଳିଲା । ମୁଁ ଏଠାରେ ମଧ୍ୟ ଯମାତ୍ ଅହେମଦୀୟାର

ଲୋକମାନଙ୍କର କାମ ଦେଖୁଛି । ଏମାନେ ପବିତ୍ର କୁର୍‌ଆନ୍ ଅନୁବାଦ କରୁଛନ୍ତି ଓ ମାନବ ସମାଜକୁ ଈଶ୍ୱରଙ୍କ ବାର୍ତା ଦେଇଛନ୍ତି । ସେହି ବାର୍ତା ହେଉଛି ଶାନ୍ତି, ପ୍ରେମ, ଘୃଣା ନ କରିବା ଏବଂ ପ୍ରତ୍ୟେକ ଧର୍ମ ଓ ସମସ୍ତଙ୍କୁ ସମ୍ମାନ ଦେବାର ବାର୍ତା । ଅତଏବ ମୁଁ ଏଠି ଅଲ୍‌ମେରେ ସହରରେ ଓ ହଲାଣ୍ଡରେ ଆପଣମାନଙ୍କର, ଯମାତର ହୃଦୟର ଗଭୀରତମ ପ୍ରଦେଶରୁ ସମ୍ମାନ ଜଣାଉଛି । ମୁଁ ଏକବାର ପୁଣି ଆପଣଙ୍କୁ ମୁବାରକ୍‌ବାଦ୍ (ଶୁଭେଚ୍ଛା) ଜଣାଉଛି । ମୋ ମନରେ ହଜ୍‌ରତ୍ ସାହେବଙ୍କ ପ୍ରତି ଅତ୍ୟନ୍ତ ସମ୍ମାନ ଓ ଶ୍ରଦ୍ଧା ରହିଛି ଯେ ସେ ବ୍ରିଟେନରୁ ଏଠାକୁ ଆସିଛନ୍ତି । ମତେ ସୋସିଓଲିଷ୍ଟ ପାର୍ଟିର ବନ୍ଧୁ Mr Bommel ଏବଂ ଅନ୍ୟାନ୍ୟ କାଉନସିଲରମାନଙ୍କ ସହିତ ହଜୁରଙ୍କ ସଙ୍ଗେ ଦୁଇଥର ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ସୁତରାଂ ଏଠାରେ ଆଜି ଅଲ୍‌ମେରେରେ ମସ୍‌ଜିଦ୍ ଦେଖି ବହୁତ ଖୁସି ଲାଗୁଛି । ଆମ ସିଖ୍ କମ୍ୟୁନିଟି ଆନ୍ତଧର୍ମୀୟ ଡ଼ାଇଲଗ୍‌ରେ ବିଶ୍ୱାସ ରଖିଛୁ । ଆମେ ଆମ୍‌ଷ୍ଟରଡ଼ମ୍‌ଠାରେ ଅନୁଷ୍ଠିତ ହୋଇଥିବା ଆମ ପ୍ରୋଗ୍ରାରେ ଆପଣଙ୍କ ଯମାତ୍‌କୁ ନିମନ୍ତ୍ରଣ କରିଛୁ ଓ ସେମାନେ ଆମକୁ ବହୁତ କଥା ଏପରି ଶିଖାଇଛନ୍ତି ଯାହା ସମ୍ୱନ୍ଧରେ ଆମେ ଜାଣିନଥିଲୁ । ଆମେ ଜାଣିବାକୁ ପାଇଲୁ ଯେ ଆପଣମାନେ ମଧ୍ୟ ଏକ ଈଶ୍ୱରଙ୍କୁ ମାନୁଛନ୍ତି ଯିଏ ହେଉଛି ପ୍ରକୃତ ସୃଷ୍ଟିକର୍ତା । ପୁଣି ବାକି ଜାତିପାତିର କିଛି କଥା ନାହିଁ । ପ୍ରତ୍ୟେକଙ୍କ ପାଇଁ ସମାନ ପ୍ରେମ । ସେଥିଯୋଗୁଁ ସିଖ୍ କମ୍ୟୁନିଟିର ମନରେ ଆପଣ ସମସ୍ତଙ୍କ ପାଇଁ ବହୁମାତ୍ରାରେ ପ୍ରେମ ଓ ସମ୍ମାନ ରହିଛି । ଆମେ ଆପଣଙ୍କୁ ପୁଣି ଏକବାର ମୁବାରକ୍‌ବାଦ୍ (ଶୁଭେଚ୍ଛା) ଜଣାଉଛୁ ।

ତା'ପରେ ଅମୀର ସାହେବ ହଲାଣ୍ଡ ନିଜର ଅଭିଭାଷଣ ଉପସ୍ଥାପନ କଲେ । ସେଥିରେ ସେ ସଂକ୍ଷିପ୍ତରେ ମସ୍‌ଜିଦ୍ ବିଷୟରେ କିଛି ତଥ୍ୟ ଉପସ୍ଥାପନ କଲେ । କହିଲେ: ଏହି ଅବସରରେ Mr Farhan, ଯିଏ ଜଣେ ଆର୍କିଟେକ୍ଟ ଥିଲେ ଏବଂ Mr Vogelij ଯିଏ Construct ଥିଲେ, ଏମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛୁ । ଏତଦ୍‌ବ୍ୟତିତ IAAAE ର ଟିମ୍, ସ୍ଥାନୀୟ ଯମାତ୍‌ର ସଦର ଶ୍ରୀମାନ୍ Hanif Hendrick Sb ଓ ତାଙ୍କ ଟିମର ଚର୍ଚ୍ଚା କରିବାକୁ ଚାହୁଁଛୁ ଯେଉଁମାନେ ବହୁତ ପରିଶ୍ରମ କରି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ ଭାଗ ନେଇଛନ୍ତି । ସେହପରି ଫଣ୍ଡସ୍ ଏକାଠି କରିଥିବା କମିଟି ଏବଂ ସେଂଟ୍ରାଲ୍ ମସ୍‌ଜିଦ୍‌ର କମିଟିର ମଧ୍ୟ ଚର୍ଚ୍ଚା କରିବାକୁ ଚାହୁଁଛୁ । ତତ୍‌ସହିତ ସମସ୍ତ ପୁରୁଷ, ମହିଳା ଓ ପିଲାମାନଙ୍କୁ ମନେରଖିବା ପାଇଁ ଅନୁରୋଧ କରୁଛୁ, ଯେଉଁମାନେ ଅନେକ ବର୍ଷରୁ ଏହି ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟରେ ନିଜ ନିଜର ଯୋଗଦାନ/ଅଂଶ ଦେଇ ଚାଲିଛନ୍ତି । ଏମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ବହୁତ ଜରୁରୀ ।

ଅମୀର ସାହେବ କହିଲେ: ଏହି ମସ୍‌ଜିଦର ପ୍ରୋଜେକ୍ଟରେ ସ୍ୱେଚ୍ଛାସେବକମାନେ ୬୫୦୦ ଘଂଟା ବିନା କୌଣସି ମୂଲ ନେଇ କାମ କରିଛନ୍ତି । ଏଠାରେ କାମ କରିଥିବା ଲୋକମାନଙ୍କର ସଂଖ୍ୟା ବହୁତ । ମୁଁ ହଜୁର ଅନୱରଙ୍କ ଗୋଚରରେ ସେ ସମସ୍ତ ଲୋକମାନଙ୍କ ପାଇଁ ଦୁଆ କରିବାକୁ ଅନୁରୋଧ କରୁଅଛି ।

ଏହାପରେ ଡ଼ଚ୍ ରାଜନେତା Jerzy Soetekouw ଯାହାଙ୍କ ସମ୍ୱନ୍ଧ ଲେବର ପାର୍ଟି (PVDA) ସହିତ ରହିଛି ଓ ସେ ୨୦୧୮ ମସିହାରୁ ଜଣେ Alderman ଭାବେ କାମ କରୁଛନ୍ତି । ଏତଦ୍‌ବ୍ୟତିତ ସେ ଅଲ୍‌ମେରେ ସହରର ଡ଼େପୁଟି ମେୟର ମଧ୍ୟ ଅଛନ୍ତି, ସେ ନିଜ ଅଭିଭାଷଣରେ କହିଲେ: ଆଜି ଏଠାକୁ ଆସିବା ମୋର ସୌଭାଗ୍ୟ ଓ ମୋ ପାଇଁ ଗୌରବର କଥା । ଏହି ମସ୍‌ଜିଦ୍‌ର ଉଦଘାଟନୀ ଉତ୍ସବରେ ଆପଣମାନେ ଏଠାକୁ ଆସିଥିବା ଯୋଗୁଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଚି । ଆପଣଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଜାଣିଥିବେ ଯେ ଏହି କସ୍‌ବା (ଛୋଟସହର)ଟି ୪୨ ବର୍ଷ ପୁରୁଣା ସହର । ଏହିଭଳି ଏହା ହେଉଛି ହଲାଣ୍ଡର ସବୁଠାରୁ ନୂଆ ସହର ତେଣୁ ଆପଣମାନେ ଏକ ନୂଆ ଭୁଇଁରେ ଛିଡ଼ା ହୋଇଛନ୍ତି । ଏହି କସ୍‌ବାର ଜନସଂଖ୍ୟା ଶୂନରୁ ଆରମ୍ଭ ହୋଇ ଦୁଇଲକ୍ଷ ଦଶ ହଜାର ପର୍ଯ୍ୟନ୍ତ ପହଂଚିଗଲା । ସାରା ଦୁନିଆରୁ ଓ ଭିନ୍ନ ଭିନ୍ନ ଧର୍ମର ଲୋକମାନେ ଏଠାରେ ଆସି ବସବାସ କଲେ । ତେଣୁ ଆଜି ଆମେ ୧୪୦ ଟି ଦେଶର ଲୋକେ ୧୧୯ ଟି ଜାତରି ସଦସ୍ୟ ଏଠାରେ ଏକତା ଓ ସୌହାର୍ଦ୍ଧ୍ୟର ଉତ୍ସବ ପାଳନ କରୁଅଛେ । ବିଭିନ୍ନ ସମ୍ପ୍ରଦାୟର ଲୋକେ ଏକତା ପ୍ରଦର୍ଶନ କରିବାରେ ଶକ୍ତି ମିଳିଥାଏ । ଆମେ ଏକାଠି ହୋଇ ଜଣେ ଅନ୍ୟଜଣକୁ ପ୍ରଭାବିତ କରିପାରିବା ଓ ଜଣେ ଅନ୍ୟଠାରୁ ନୂଆ ନୂଆ କଥା ଶିଖି ପାରିବା । ଏହି ମସ୍‌ଜିଦ୍ ଓ ଏହାର ଉଦ୍ଦେଶ୍ୟ "ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ" ମତେ ବହୁତ ଭଲ ଲାଗିଲା । ଆମେ ଆଜି ଏକ ନୂଆ ଯମାତ୍ (ସମ୍ପ୍ରଦାୟ)କୁ ଏହି ସହରରେ ସ୍ୱାଗତ କରୁଛୁ ।

ଡ଼େପୁଟି ମେୟର ଏବଂ Alderman ହୋଇଥିବା ଯୋଗୁଁ ମୁଁ ଏହିପରି ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଧାରିତ ସମାଜକୁ ପ୍ରଶଂସା କରୁଛି । ହଁ ଯଦି ଆପଣ ଏହି ଐକ୍ୟ ମନୋଭାବକୁ ଜାରି ରଖିବାକୁ ଚାହୁଁଅଛି, ତେବେ ତା' ପାଇଁ ଆମର ଦୁଇଟି କର୍ତବ୍ୟ ରହିଛି । ଗୋଟିଏ ହେଉଛି ଏହା କି ଅଲ୍‌ମେରେ ସହରର ପ୍ରତ୍ୟେକ ନାଗରୀକଙ୍କ ମୂଳଦୁଆ ଗୋଟିଏ ଜିନିଷ ଉପରେ ଆଧାରିତ ହେବା ଉଚିତ । ଅଲ୍‌ମେରେ ସହରରେ ଆପଣମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧିନତା ହାସଲ ଅଛି ଯେ ଆପଣମାନେ କୌଣସି ବିଷୟ/ଧର୍ମ ଉପରେ ବିଶ୍ୱାସ ଓ ଆସ୍ଥା ରଖିପାରନ୍ତି ଓ ନିଜ ଇଚ୍ଛା ମୁତାବକ ଜୀବନଯାପନ କରିପାରିବେ । ତେଣୁ ସମସ୍ତ ନାଗରିକର ଏ କର୍ତବ୍ୟ ଯେ ସେ ଜଣେ ଅନ୍ୟଜଣଙ୍କ ସହିତ ସୁସମ୍ପର୍କ ସ୍ଥାପନ କରୁ । ଏହି ସହରଟି ବିଭିନ୍ନ ଲୋକମାନଙ୍କ ଦ୍ୱାରା ଭରି ହୋଇ ରହିଥିବାର ଦେଖି ଅନୁମାନ ହୋଇଯାଉଛି ଯେ ଏଠାରେ ନୂଆ ସମ୍ପର୍କ ସ୍ଥାପନ ହେବା ଆରମ୍ଭ ହୋଇଯାଇଛି ଓ ଏହା ବହୁତ ଉତମ କଥା ।

ଦ୍ୱିତୀୟ କଥା ହେଉଛି ଏହା କି ଆମେ କେବଳ ଏହି କ୍ଷେତ୍ରରେ ହିଁ ସ୍ୱାଧିନ ବୋଲାଇପାରିବା ଯେଉଁ କ୍ଷେତ୍ରରେ ପ୍ରତ୍ୟେକ ମଣିଷର ମୂଳ ଅଧିକାରକୁ ସମ୍ମାନ ଦିଆଯିବ ଓ ପ୍ରତ୍ୟେକ ବ୍ୟକ୍ତି ଆମ ଏହି ସହରରେ ନିଜକୁ ସୁରକ୍ଷିତ ଭାବିବ । ଏଠାରେ ପୋଲିସ୍ ମଧ୍ୟ ଉପସ୍ଥିତ ଅଛନ୍ତି । ମୁଁ ନାଏବ ମେୟର ରୂପେ ଏଠାକୁ ଆସିଛି । ତେଣୁ ଆପଣମାନଙ୍କର ଯେ କୌଣସି ଧର୍ମ ଓ ଆସ୍ଥା ହେଉ ନା କାହିଁକି ଆପଣମାନେ ଏହି ସହରର ପ୍ରଶାସନ ଉପରେ ଭରଷା କରିପାରିବେ ।

ତୃତୀୟ କଥା ହେଉଛି ଏହା କି ଆମେ ଆପଣଙ୍କ ଯମାତ୍‌ରୁ ବହୁତ କିଛି ଶିଖିବାକୁ ଚାହୁଁଛୁ । କାରଣ ଯେମିତି ମୁଁ ପୂର୍ବରୁ ମଧ୍ୟ କହିସାରିଛି ଯେ ଆମେ ସମସ୍ତେ ଏହି ସହରରେ ନୂଆ ଓ ଆମେ ସମସ୍ତେ ମିଳିମିଶି ଗୋଟିଏ କମ୍ୟୁନିଟିକୁ ଜନ୍ମ ଦେଉଅଛେ । ଆମର ଏଠାରେ ଏକ ଅନୁପମ ସ୍ଥାନ ରହିଛି କାରଣ ସମଗ୍ର ୟୁରୋପରେ କେବଳ ଆମ ସହର ହିଁ ହେଉଛି ଏପରି ଏକ ସହର ଯେଉଁଥିରେ ଗୋଟିଏ ପିଢ଼ି ହିଁ ଏ ପର୍ଯ୍ୟନ୍ତ ଆସିଛି । ଏହି ସହରରେ ଇତିହାସ ବହୁତ ସଂକ୍ଷିପ୍ତ । ତେଣୁ ଆମେ ପ୍ରତ୍ୟେକ ଦିନ ଏହି ସହରର ଇତିହାସ ଲେଖୁଛେ । ଏହି ମସ୍‌ଜିଦ୍‌ର ଉଦଘାଟନ ହେବା ମଧ୍ୟ ଏହାର ଏକ ଅଂଶବିଶେଷ । ମୋର ଏ ବିଶ୍ୱାସ ରହିଛି ଯେ ମୁଁ ଓ ଏହି ସହରର ଅନ୍ୟ ଲୋକମାନେ ମଧ୍ୟ ଆପଣଙ୍କ ଯମାତ୍‌ରୁ ବହୁତ କିଛି ଶିଖିବେ । ମୁଁ ଏକଥା ଡ଼େପୁଟି ମେୟର ଭାବେ କହୁନାହିଁ ବରଂ ଏହି ସହରର ଜଣେ ବାସିନ୍ଦା ହୋଇଥିବା ଯୋଗୁଁ କହୁଅଛି ।

ଡ଼େପୁଟି ମେୟର ସାହେବ ନିଜ ଅଭିଭାଷଣ ଶେଷରେ କହିଲେ ଯେ ଈଶ୍ୱର ଆପଣ ସମସ୍ତଙ୍କ ଉପରେ କୃପା କରନ୍ତୁ । ଆସନ୍ତୁ ଆମେ ସମେସ୍ତ ମିଳିମିଶି ଏହି ମହାନ ସହରରେ ଏହି ମସ୍‌ଜିଦ୍‌ର ଉଦଘାଟନୀ ଉତ୍ସବକୁ ପାଳନ କରିବା । ଆପଣ ସମସ୍ତଙ୍କୁ ଧନ୍ୟବାଦ ଏବଂ ଏ ଅବସରରେ ଏଠାରେ ଯୋଗଦେଇଥିବା ଯୋଗୁଁ ମୁଁ ବହୁତ ଗର୍ବ ଅନୁଭବ କରୁଛି । ଆପଣ ସମସ୍ତଙ୍କୁ ଧନ୍ୟବାଦ ।

ତା'ପରେ ହଜୁର ଅନୱର ଅ:ବ:ଅ ୬:୪୦ ମିନିଟ୍‌ରେ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରଦାନ କଲେ । ସେହି ଅଭିଭାଷର ଉର୍ଦ୍ଦୁ ଅନୁବାଦରୁ ଓଡ଼ିଆ ରୁପାନ୍ତରଣ ଏଠାରେ ଉପସ୍ଥାପନ ହେଉଅଛି ।

**ହଜୁର ଅନୱର ଅ:ବ:ଅଙ୍କ ଭାଷଣ**

ତଶହୁଦ୍, ତଉଜ ପାଠ କରିବାପରେ ହଜୁର ଅନୱର ଅ:ବ:ବ କହିଲେ: ସମ୍ମାନୀୟ ଅତିଥିଗଣ ! ଆପଣ ସମସ୍ତଙ୍କ ଉପରେ ଆଲ୍ଲାଃ ତାଲାଙ୍କ ତରଫରୁ କୃପା ଅବତୀର୍ଣ୍ଣ ହେଉ ଓ ଆଶିଷ ମିଳୁ । ସର୍ବ ପ୍ରଥମେ ମୁଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି ଯେ ଆପଣମାନେ ଆମର ଏହି ସହରର ମସ୍‌ଜିଦ୍ ଉଦଘାଟନୀ ଉତ୍ସବରେ ଯୋଗଦେଇଛନ୍ତି ଓ ଆମ ନିମନ୍ତ୍ରଣକୁ ସାଦରେ ଗ୍ରହଣ କରିଛନ୍ତି । ଆଜିକାଲି ପାଶ୍ଚାତ୍ୟ ଦେଶମାନଙ୍କରେ ରହୁଥିବା ଅଧିକାଂଶ ଲୋକେ ଇସ୍‌ଲାମ୍ ଓ ମୁସଲ୍‌ମାନମାନଙ୍କ ସମ୍ୱନ୍ଧରେ ଭୟ ଓ ଶଙ୍କା ମନୋଭାବ ରଖିଛନ୍ତି । ଏଥିରେ କିଛି ସନ୍ଦେହ ନାହିଁ ଯେ ବହୁତ ଲୋକେ ମୁସଲମାନମାନଙ୍କଠାରୁ ଭୟ ଅନୁଭବ କରୁଛନ୍ତି । ଆପଣମାନଙ୍କର ଏଠାକୁ ଆସିବା ଓ ଆମ ନିମନ୍ତ୍ରଣକୁ ଗ୍ରହଣ କରିବା ଏହା ପ୍ରକାଶ କରୁଛି ଯେ ଆପଣମାନେ ଖୋଲା ହୃଦୟ ରଖିଛନ୍ତି ଓ ବିଭିନ୍ନ କମ୍ୟୁନିଟି ଭିନ୍ନ ଭିନ୍ନ ବିଶ୍ୱାସ ଓ ଆସ୍ତା ରଖିଥିବା ଲୋକମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠାକୁ ଇଚ୍ଛୁକ ଅଛନ୍ତି ।

ଏଥିରେ ଆପଣମାନଙ୍କ ଆନ୍ତଧର୍ମ ବାର୍ତାଳାପାର ଭାବର ଆଦାନ ପ୍ରଦାନ ପ୍ରକାଶ ହେଉଅଛି ଓ ଏଥିରୁ ଜଣାପଡୁଛି ଯେ ଆପଣମାନେ ମାନବିକ ଅଧବକାରର ଗୁରୁତ୍ୱକୁ ଖୁବ୍ ଅନୁଭବ କରୁଛନ୍ତି । ମୁଁ ଏଥି ସକାଶେ ଆପଣମାନଙ୍କୁ ସହୃଦୟତାର ସହିତ କୃତଜ୍ଞତା ଜ୍ଞାପନ କରୁଅଛି ଏବଂ ଏ ବିଶ୍ୱାସ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ୱନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ୱନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ରଖିଛି ଯେ ଆମ ଧର୍ମ ଆମକୁ ଏ ଶିକ୍ଷା ଦେଇଛି ଯେ ଧର୍ମ ହେଉଛି ମଣିଷର ନିଜ ମନ/ହୃଦୟର ମାମଲା ଯାହାକୁ ସେ ବିନା କୌଣସି ବାଧ୍ୟ ବାଧକତାରେ ଗ୍ରହଣ କରିଥାଏ ।

ଏ ବିଷୟରେ ପବିତ୍ର କୁର୍‌ଆନ୍ ସ୍ପଷ୍ଟ ଭାବରେ ଏହା ବର୍ଣ୍ଣନା କରୁଛି ଯେ ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟ ବାଧକତା ନାହିଁ । ଅର୍ଥାତ ଜୋର ଜବରଦସ୍ତି ନାହିଁ । ମସ୍‌ଜିଦ୍‌ର ଉଦ୍‌ଘାଟନ କେବଳ ଏକ ଧାର୍ମିକ ପ୍ରୋଗ୍ରାମ । ଏଥିରେ ଆପଣମାନଙ୍କୁ କୌଣସି ଅସୁବିଧା ହେବନାହିଁ ଯେ ଆମେ ଅହେମଦୀ ମୁସଲମାନମାନେ ନିଜ ମସ୍‌ଜିଦ୍ ସହିତ ଆନ୍ତରିକତା ରଖିଥାଉଁ ତେଣୁ ମସ୍‌ଜିଦ୍‌ର ଉଦଘାଟନ ଆମ ପାଇଁ ବହୁତ ଆବେଗପୂର୍ଣ୍ଣ ଓ ଆନନ୍ଦର ଅବସର ଯେ ଆମକୁ ଏହି ସହରରେ ଖୁଦାତାଲାଙ୍କ ଦ୍ୱାରା ବତାଯାଇଥିବା ଶୈଳୀ ମୁତାବକ ତାହାର ଉପାସନା କରିବାକୁ ଗୋଟିଏ ସ୍ଥାନ ମିଳିଗଲା । କିନ୍ତୁ ଆପଣ ସମସ୍ତ ଏହି ପ୍ରୋଗ୍ରାମରେ ସାମିଲ ହୋଇଛନ୍ତି ଯଦିଚ ଏହା ସହିତ ଆପଣମାନଙ୍କର କୌଣସି ଆନ୍ତରିକ ସମ୍ବନ୍ଧ ମଧ୍ୟ ନାହିଁ । ଏହା ସତ୍ତ୍ୱେ ମଧ୍ୟ ଏହି ପ୍ରୋଗ୍ରାମରେ ସାମିଲ ହେବାପାଇଁ ଆପଣମାନେ ଚେଷ୍ଟା କରିଛନ୍ତି । ଏଥିରୁ ପ୍ରମାଣ ହେଉଛି ଯେ ଆପଣମାନେ ବହୁତ ସ୍ନେହି, ଖୋଲା ହୃଦୟର ମାଲିକ ଓ ସହିଷ୍ଣୁ ଅଟନ୍ତି ଏଥିରୁ ଏହା ମଧ୍ୟ ସ୍ପଷ୍ଟ ହେଉଛି ଯେ ଆପଣମାନେ ଏହା ଜାଣିବାକୁ ଚାହୁଁଛନ୍ତି ଯେ ମସ୍‌ଜିଦ୍ ନିର୍ମାଣ କରିବାର ଉଦ୍ଦେଶ୍ୟ ଓ କାରଣ କଣ ? ମୁଁ ଏଥିଯୋଗୁଁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି କାରଣ ଅନ୍ୟ ଧର୍ମର ଆସ୍ଥା ଓ ସଂସ୍କୃତିର ଜ୍ଞାନ ଆହାରଣ କରିବା ମଧ୍ୟ ସେହି ବିଭାଜନକାରୀ ପାଚେରୀକୁ ଭାଙ୍ଗି ଦେବାପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଆମମାନଙ୍କ ମଧ୍ୟରେ ପ୍ରତିବନ୍ଧକ ସାଜି ଛିଡ଼ା ହୋଇଛି । ସେହିପରି ଏତଦ୍‌ଦ୍ୱାରା ସେହି ସମସ୍ତ ବିଭ୍ରାଟମୂଳକ କଥାକୁ ମଧ୍ୟ ଏହା ଶେଷ କରିଦିଏ ଯାହା ଅକାରଣରେ ଅସ୍ଥିରତା ଓ ଅଶାନ୍ତି ସୃଷ୍ଟି କରିଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ନିଶ୍ଚିତରୂପେ ଏହା ମୋ ପାଇଁ ଓ ଶାନ୍ତି ଚାହୁଁଥିବା ପ୍ରତ୍ୟେକ ମୁସଲମାନ ପାଇଁ ବହୁତ ଦୁଃଖର ବିଷୟ ଯେ କୌଣସି ଅଣମୁସଲମାନ ରାଷ୍ଟ୍ର ଲୋକମାନଙ୍କ ମଧ୍ୟରେ ଇସ୍‌ଲାମ୍ ପ୍ରତି ଭୟ ଓ ଆତଙ୍କ ସୃଷ୍ଟି ହେଉ ଓ ଅନେକ ଲୋକ ଏହା ଭାବୁଛନ୍ତି ଯେ ମୁସଲମାନ ଓ ମସ୍‌ଜିଦ୍‌ଗୁଡ଼ିକ ହେଉଛନ୍ତି ଶାନ୍ତି ପାଇଁ ବିପଦ । ଯେବେକି ବାସ୍ତବିକତା ହେଉଛି ଏହାର ବିପରିତ । ଅତଏବ ଯଦି ସ୍ଥାନିୟ ଲୋକମାନଙ୍କ ମଧ୍ୟରେ ଏ ସଂକ୍ରାନ୍ତରେ କିଛି ଶଙ୍କା ଓ ସନ୍ଦେହ ରହିଥିବ ତା' ହେଲେ ମୁଁ ବର୍ତମାନ ମସ୍‌ଜିଦ୍ ନିର୍ମାଣ ହେବାର ଉଦ୍ଦେଶ୍ୟକୁ ଏଠାରେ ବର୍ଣ୍ଣନା କରୁଅଛି ଯଦ୍ୱାରା ଆପଣମାନେ ସମସ୍ତେ ଉତମ ରୂପେ ମସ୍‌ଜିଦ୍‌ର ଗୁରୁତ୍ୱକୁ ବୁଝିପାରିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହା ସ୍ପଷ୍ଟ ରହୁ ଯେ ଯଦି କୌଣସି ମସ୍‌ଜିଦ୍ ଶାନ୍ତି ଓ ମାନବଜାତି ପାଇଁ ସହାନୁଭୁତି ଦେଖଇନାହିଁ ଏବଂ ଖୁଦାତାଲା ଓ ତାହାଙ୍କ ପ୍ରାଣୀ ଜଗତର ହକ୍ ପ୍ରଦାନ କରୁନାହିଁ, ତେବେ ଏପରି ମସ୍‌ଜିଦ୍ ଫମ୍ପା ଅଟେ ।

ଇସ୍‌ଲାମର ଇତିହାସ ଉପରେ ସମାନ୍ୟତମ ଦୃଷ୍ଟି ଫେରାଇଲେ ମଧ୍ୟ ଏହାପ ପ୍ରମାଣିତ ହେଉଛି ଯେ ଇସ୍‌ଲାମ୍‌ର ପ୍ରତଷ୍ଠାତା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଯୁଗରେ ଏହି ଭଳି ଏକ ତଥାକଥିତ ମସ୍‌ଜିଦ୍ ନିର୍ମାଣ କରାଯାଇଥିଲା ଯେଉଁଠି ଖଳ ପ୍ରକୃତିର ଲୋକମାନେ ଅନ୍ୟକୁ ଦୁଃଖ ଦେବାପାଇଁ ଯୋଜନା କରୁଥିଲେ ଓ ସମାଜକୁ ବିଭାଜନ କରିବାପାଇଁ ଚେଷ୍ଟା ଚଳାଇଥିଲେ । ଏମାନେ ମୁସଲମାନମାନଙ୍କ ମଧ୍ୟରେ ଘୃଣାଭାବ ସୃଷ୍ଟି କରି ଉସୁକାଉଥିଲେ । ଏଥବରେ ସେମାନେ ମୁସଲମାନ ଓ ଇହୁଦୀ ସମ୍ପ୍ରଦାୟ ମଧ୍ୟରେ ଯୁଦ୍ଧ କରିବାକୁ ଯୋଜନା କରୁଥିଲେ । ତେଣୁ ପବିତ୍ର କୁର୍‌ଆନ୍‌ରେ ଏହା ଉଲ୍ଲେଖ ରହିଛି ଯେ ଅଲ୍ଲାଃ ତାଲା ରସୁଲେ୍ କରିମ୍ ସ:ଆ:ସଙ୍କୁ ସେହି ମସ୍‌ଜିଦ୍‌ଟିକୁ ଭାଙ୍ଗି ଦେବାପାଇଁ ନିର୍ଦ୍ଦେଶ ଦେଲେ । କାରଣ ଏହା ଖରାପ ନିୟତରେ ତିଆରି କରାଯାଇଥିଲା । ଯେମିତି କି ମୁଁ ଏହା କହିସାରିଛି । ତେଣୁ ଏହି ଘଟଣାଟି ସର୍ବଦା ମୁସଲମାନମାନଙ୍କ ପାଇଁ ସଚେତନତାର ବାର୍ତା ଦେଉଅଛି । ଏଥିରୁ ସ୍ପଷ୍ଟ ହେଉଅଛି ଯେ ଯଦି କୌଣସି ମସ୍‌ଜିଦ୍ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ନିର୍ମାଣ ହେଉନାହିଁ କି ଲୋକମାନେ ଜଣେ ଅନ୍ୟଜଣଙ୍କର ଅଧିକାର ଦେଉଥିବେ, ବରଂ ଏହା ପରିବର୍ତେ ଆତଙ୍କବାଦ, ଚରମପନ୍ଥୀ, କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଉଥିବ, ତେବେ ତାହା କଦାପି ନିଜର ପୂଣ୍ୟ ଉଦ୍ଦେଶ୍ୟକୁ ପୂରଣ କରିପାରିବ ନାହିଁ ଓ ନା ପ୍ରକୃତ ମସ୍‌ଜିଦ୍ ବୋଲାଇବାର ହକ୍ ରଖିବ । ମସ୍‌ଜିଦ୍‌ର ଉଦ୍ଦେଶ୍ୟ ସେତେବେଳେ ଯାଇ ପୂରଣ ହୋଇପାରିବ ଯେବେ ନମାଜିମାନେ ଏ ଦୃଢ଼ ସଂକଳ୍ପ କରି ସେଥିରେ ପ୍ରବେଶ କରିବେ ଯେ ସେମାନେ କେବଳ ସେଥିରେ ଈଶ୍ୱରଙ୍କ ଉପାସନା କରିବେ ଓ ମାନବ ସମାଜର କଲ୍ୟାଣ ନିମନ୍ତେ ପଦକ୍ଷେପ ନେବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆଉ ଗୋଟିଏ କଥା ମୁଁ ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ, ଗୋଟିଏ ମସ୍‌ଜିଦ୍ କେବଳ ଧାର୍ମିକ ଓ ଆଧ୍ୟାତ୍ମିକ ଉପାସନା ପୀଠ ହୋଇଥାଏ ଓ ସେଥିରେ ସବୁପ୍ରକାର କୁକର୍ମ କରିବା ବାରଣ ହୋଇଥାଏ ଓ ଏହା କେବଳ ପବିତ୍ର ସ୍ଥାନ ହୋଇ ସମାଜର ମଙ୍ଗଳକାମନା ନିମନ୍ତେ ହୋଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ମସ୍‌ଜିଦ୍‌ରେ କେବଳ ଏଭଳି କାର୍ଯ୍ୟକ୍ରମ କରିବାପାଇଁ ରହିଛି ଯେଉଁଥିରେ ଖୁଦାତାଲାଙ୍କ ଉପାସନା କରିବା ପ୍ରତି ଧ୍ୟାନ ଦିଆଯାଉଥିବ ଅଥବା ଇସ୍‌ଲାମ୍‌ର ପ୍ରଚାର ପ୍ରସାର ପ୍ରତି ଧ୍ୟାନ ଦିଆଯାଉଥିବ ଅଥବା ସମାଜର ଆବଶ୍ୟକତାକୁ ପୂରଣ କରାଯାଉଥିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଉଥିବ । ଯେତେବେଳେ ଆମେ ମସଜିଦ୍ ନିର୍ମାଣ କରିଥାଉ ସେଠରେ ଆମେ ଖୁଦାତାଲାଙ୍କ ଉପାସନା କରିବା ନିମନ୍ତେ, ପାଂଚବେଳା ନମାଜ ନିମନ୍ତେ ଏକତ୍ରିତ ହୋଇଥାଉ ଓ ନିଜର ଆଧ୍ୟାତ୍ମିକ ଓ ଚାରିତ୍ରିକ ଉନ୍ନତି ନିମନ୍ତେ ଧାର୍ମିକ ପ୍ରୋଗ୍ରାମଗୁଡ଼ିକ ଅନୁଷ୍ଠିତ କରିଥାଉ ଓ ସେଠାରେ ଆମେ ନିୟମିତ ଏଭଳି ପ୍ରୋଗ୍ରାମ ଅନୁଷ୍ଠିତ କରିଥାଉ ଯେଉଁଥିରେ ପଡ଼ୋଶୀମାନଙ୍କର ଓ ସମାଜର ସେବାପାଇଁ ଯୋଜାନା କରାଯାଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆମେ ସେଠାରେ ଏଭଳି ଯୋଜନା ତିଆରି କରିଥାଉ ଯାହା ଦ୍ୱାରା ଗରିବ ଓ ଅଭାବି ଲୋକମାନଙ୍କୁ ସାହାଯ୍ୟ ହୋଇପାରିବ ଏବଂ ଅନାଥମାନଙ୍କର ଅଧିକାର ପୂରଣ ହୋଇପାରିବ । ସେହିଭଳି ସମାଜର ବଂଚିତ ଶ୍ରେଣୀ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ନିମନ୍ତେ ଖାଇବା ଓ ପିଇବା ପାଇଁ ଦାନା ଯୋଗାଡ଼ ହୋଇପାରିବ । ଈଶ୍ୱରଙ୍କ କୃପାରୁ ଏହିଭଳି ସମାଜ ସେବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଆମେ ଗୋଟିଏ ଆର୍ନ୍ତଜାତିକ କଲ୍ୟାଣ ଅନୁଷ୍ଠାନ ''ହ୍ୟୁମାନିଟି ଫାଷ୍ଟ'' ନାମରେ ପ୍ରତିଷ୍ଠା କରିଅଛୁ । ଆମେ ସାରା ବର୍ଷ ସ୍ଥାନିୟ ସ୍ତରରେ ଓ ଆର୍ନ୍ତଜାତିକ ସ୍ତରରେ ମଧ୍ୟ ଚାରିଟି କାର୍ଯ୍ୟ କରିବାରେ ମଧ୍ୟ ବିଭିନ୍ନ ସଭାସମିତି ଅନୁଷ୍ଠିତ କରିଥାଉ । ଉଦାହରଣ ସ୍ୱରୁପ ଆଫ୍ରିକାରେ ଯେଉଁଠି ଆମେ ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କୁ ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ଅବଗତ କରାଉଅଛୁ । ସେଠାରେ ମସ୍‌ଜିଦ୍ ମଧ୍ୟ ନିର୍ମାଣ କରୁଅଛୁ । ସେଠାରେ ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁଲୋକମାନଙ୍କୁ ସାହାଯ୍ୟ ମଧ୍ୟ କରୁଅଛୁ । ଆମେ ସେଠାରେ ଡ଼ାକ୍ତରଖାନା, କ୍ଲିନିକ ଏବଂ ସ୍କୁଲ୍ ଇତ୍ୟାଦି ନିର୍ମାଣ କରିଥାଉଁ ଓ ପ୍ରତ୍ୟେକ ଜାତିର ଲୋକମାନଙ୍କୁ ସେବା ଯୋଗାଇଥାଉ । ବାସ୍ତବପକ୍ଷେ ଯେଉଁ ଲୋକମାନେ ଆମ ସ୍କୁଲ ଓ ଆମ ହସ୍ପିଟାଲକୁ ଆସୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସମ୍ବନ୍ଧ ଆମ ଯମାତ୍ ସହିତ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି କେବଳ ହିଁ କେବଳ ମାନବ ସମାଜର ସେବା ଓ ବଂଚିତ ଶ୍ରେଣୀର ଲୋକମାନଙ୍କୁ ସାହାଯ୍ୟ କରିବାର ଉଦ୍ଦେଶ୍ୟକୁ ନେଇ ଆମେ ଏହି ମାନବଜାତିର ସେବା ପାଇଁ ଗୋଟିଏ ପ୍ରୋଜେକ୍ଟ ଆରମ୍ଭ କରିଛୁ ଯାହା ମାଧ୍ୟମରେ ଆମେ ଆଫ୍ରିକାର ଦୁରଦୁରାନ୍ତ ଦେହାତି ଇଲାକା ଓ ଛୋଟ ଛୋଟ ଗାଁ ମାନଙ୍କରେ ମଧ୍ୟ ସୁଦ୍ଧ ପାଣି ଯୋଗାଉଅଛୁ । ଆମ ଇଞ୍ଜିନିୟରମାନେ ବୋର୍ ବାହାର କରି ନଳକୂପ ଲଗାଉଛନ୍ତି ଯଦ୍ୱାରା ସ୍ଥାନିୟ ଲୋକମାନଙ୍କୁ ସହଜରେ ଶୁଦ୍ଧ ପାଣି ମିଳିଯାଉଛି । ଯେ ପର୍ଯ୍ୟନ୍ତ ଆପଣମାନେ ନିଜ ଆଖିରେ ଏହାକୁ ନ ଦେଖିନେବେ ଆପଣମାନେ ଏକଥାକୁ ବିଶ୍ୱାସ ମଧ୍ୟ କରିପାରିବେ ନାହିଁ ଯେ, କେଉଁଭଳି ସେହି ସ୍ଥାନିୟ ଲୋକମାନଙ୍କୁ ଶୁଦ୍ଧ ପାଣି ପ୍ରଥମଥର ପାଇଁ ପାଇପ ଯୋଗେ ବହିଯାଉଥିବାର ଦେଖି ଖୁସି ଅନୁଭୁତ ହୋଇଥାଏ । ଅତ୍ୟନ୍ତ ଗରିବ ଓ ଦରିଦ୍ର ନିରୀହ ପିଲାମାନେ ନିଜର ଖୁସିକୁ ନିୟନ୍ତ୍ରଣ କରିପାରିନଥାନ୍ତି । ଏହି ସ୍ଥାନିୟ ଲୋକମାନେ ପିଢ଼ିଦର ପିଢ଼ି ପ୍ରତ୍ୟେକ ଦିନ ନିଜ ମୁଣ୍ଡ ଉପରେ ପାଣିପାତ୍ର ଓ ବାଲ୍‌ଟି ଇତ୍ୟାଦି ରଖି ମାଇଲ ମାଇଲ ଦୂରତା ଅତିକ୍ରାନ୍ତ କରି ଘରେ ବ୍ୟବହାର କରିବା ନିମନ୍ତେ ପୋଖରୀରୁ ପାଣି ଆଣିବାକୁ ବାଧ ହେଉଛନ୍ତି ଓ ଯେଉଁପାଣି ପାଇଁ ଏମାନେ ଏତେ ପରିଶ୍ରମ କରୁଛନ୍ତି ତାହା ମଧ୍ୟ ବହୁତ ମଇଳାପାଣି ଓ ଅନେକ ରୋଗର କାରଣ ହୋଇଥାଏ । ସୁତରାଂ ଏହିଭଳି ପରିସ୍ଥିତିରେ ଯେତେବେଳେ ଏହି ନିରାଶ ଲୋକମାନଙ୍କୁ ତାଜା ଓ ଶୁଦ୍ଧ ପାଣି ଦେଖିବାକୁ ମିଳୁଛି ସେତେବେଳେ ଏମିତି ଲାଗୁଛି ଯେମିତି ତାଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶଵ୍ଦଗୁଡ଼ିକୁ ସଠିକ ପଢିନେବେ ।**

## ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 15 Oct 2020 Issue No. 42

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୩୦ ସେପ୍ଟେମ୍ବର ୨୦୧୯ (ସୋମବାର)**

**ହଜୁର ଅନଓ୍ବର ଅ:ବ:ଅଙ୍କ ସହିତ ହୋଇଥିବା ପ୍ରେସ୍ କନ୍‌ଫରେନ୍ସର ବଳକାଅଂଶ**

ତା'ପରେ ଜଣେ ସାମ୍ବାଦିକ ପଚାରିଲେ ଯେ ଏଠି ପ୍ରେସ୍ କନ୍‌ଫରେନ୍ସରେ କୌଣସି ମହିଳା ନଥିଲେ, ଏହାର କାରଣ କଣ ? ଏଥିରେ ହଜୁର ଅନଓ୍ବର ଅ:ବ:ଅ କହିଲେ, ମୁଁ ଏକଥା ଜାଣିନାହିଁ କି କୌଣସି ମହିଳା ଏଠାକୁ କାହିଁକି ଆସିନାହାନ୍ତି ? ନଚେତ ମୁଁ ଯେବେ ଜର୍ମାନୀ, ଆମେରିକା ବା କାନାଡ଼ା ଇତ୍ୟାଦି ଦେଶଗୁଡ଼ିକୁ ଗସ୍ତ କରିଥାଏ, ସେଠାରେ ଅନୁଷ୍ଠିତ ହେଉଥିବା ପ୍ରେସ୍ କନ୍‌ଫରେନ୍ସରେ ଅନେକ ମହିଳା ଉପସ୍ଥିତ ହୋଇଥାନ୍ତି ।

ପୁଣି ପତ୍ରକାରଜଣଙ୍କ ପଚାରିଲେ ଯେ କଣ ମହିଳାମାନେ ଏହି ମସ୍‌ଜିଦ୍‌କୁ ଆସିପାରିବେ ଓ କଣ ସେମାନେ ପୁରୁଷମାନଙ୍କ ସହିତ ନମାଜ ପାଠ କରିପାରିବେ ? ଏଥିରେ ହଜୁର ଅନଓ୍ବର ଅ:ବ:ଅ କହିଲେ, ପ୍ରଥମ କଥା ହେଉଛି ଏହା କି ମହିଳାମାନଙ୍କୁ ମସ୍‌ଜିଦ୍ ଆସିବାପାଇଁ ଅନୁମତି ଅଛି । ଦ୍ୱିତୀୟତଃ ଏହି ମସ୍‌ଜିଦ୍‌ରେ ନମାଜ ପଢ଼ିବାକୁ ମଧ୍ୟ ଅନୁମତି ଅଛି । କିନ୍ତୁ ଆମ ଧର୍ମୀୟ ଶିକ୍ଷା ଅନୁସାରେ ମହିଳାମାନଙ୍କୁ ନମାଜ ପଢ଼ିବାପାଇଁ ପୁରୁଷମାନଙ୍କ ନିମନ୍ତେ ନମାଜ ପଢ଼ିବାପାଇଁ ଥିବା ହଲ୍ ସଦୃଶ ଏକ ହଲ ପୃଥକ ରୂପେ ଉପଲବ୍ଧ କରାଯାଇଅଛି । କଦାଚିତ ଏହି ହଲ୍ ଏକତ୍ର ମଧ୍ୟ ଥାଏ । ବେଳେବେଳେ ପୁରୁଷମାନଙ୍କ ହଲ ମସ୍‌ଜିଦ୍‌ର ଉପର ଭାଗରେ ଥାଏ ଓ ମହିଳାମାନଙ୍କର ତଳ ଭାଗରେ ଓ ବେଳେବେଳେ ପୁରୁଷମାନଙ୍କର ତଳେ ଥାଏ ଏବଂ ମହିଳାମାନଙ୍କର ଉପରେ ଥାଏ । ଆମ ପ୍ରଥା ଅନୁସାରେ ଯଦି ପୁରୁଷ ଓ ମହିଳା ପୃଥକ ପୃଥକ ରହି ନମାଜ ପଢ଼ିବେ ତେବେ ବହୁତ ଉତମ ଭାବେ ନମାଜ ପଢ଼ିବା ପ୍ରତି ଧ୍ୟାନ ହୋଇପାରିବ ।

ପୁଣି ସେହି ପତ୍ରକାର ଜଣଙ୍କ ପଚାରିଲେ ଯେ କଣ ଅଣମୁସଲମାନମାନଙ୍କୁ ମଧ୍ୟ ଏହି ମସ୍‌ଜିଦ୍‌ରେ ଆସି ଉପାସନା କରିବାକୁ ଅନୁମତି ଅଛି କି ? ଏଥିରେ ହଜୁର ଅନଓ୍ବର ଅ:ବ:ଅ କହିଲେ, ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଯୁଗରେ ମହାମହିମ ସ:ଆ:ସଙ୍କ ନିକଟକୁ ନଜ୍‌ରାନ୍‌ରୁ ଗୋଟିଏ ଇସାଇ ପ୍ରତିନିଧିମଣ୍ଡଳ ଆସିଲା । ସେମାନେ ପ୍ରୈଗମ୍ବର ମୁହମ୍ମଦ ସ:ଆ:ସଙ୍କ ସହିତ ବାର୍ତାଳାପ କରୁଥିବା ସମୟରେ ଆପଣ ସ:ଆ:ସ ଏହା ଅନୁଭବ କଲେ ଯେ ଏମାନେ କିଛିଟା ବ୍ୟତିବ୍ୟସ୍ତ ହେଉଛନ୍ତି ଓ ଆଶ୍ୱସ୍ତ ଅନୁଭବ କରୁନାହାନ୍ତି । ଏହା ଦେଖି ରସୁଲେ୍ କରିମ୍ ସ:ଆ:ସ ସେମାନଙ୍କୁ ଏହାର କାରଣ ପଚାରିବାର ପ୍ରତିନିଧିମଣ୍ଡଳର ସଦସ୍ୟମାନେ ଉତର ଦେଲେ ଯେ ଆମ ଉପାସନା କରିବାର ବେଳ ହୋଇଗଲାଣି । ବୋଧ ହୁଏ ସେହି ଦିନଟି ରବିବାର ଥିଲା । ଆମ ପାଇଁ କୌଣସି ଉପଯୁକ୍ତ ସ୍ଥାନ ନାହିଁ, ଯେଉଁଠି ଆମେ ଆମ ଧର୍ମ ଓ ପ୍ରଥା ଅନୁସାରେ ଉପାସନା କରିପାରିବୁ । ଏହା ଶୁଣି ରସୁଲେ କରିମ୍ ସ:ଆ:ସ କହିଲେ ଯେ ଆପଣମାନେ ଆମର ଏହି ମସ୍‌ଜିଦ୍‌ରେ ବସିଛନ୍ତି, ଆପଣ ଏଠି ନିଜ ପ୍ରଥା ଅନୁସରେ ଓ ନିଜ ଶିକ୍ଷା ମୁତାବକ ଉପାସନା କରିପାରିବେ ।

ହଜୁର ଅନଓ୍ବର ଅ:ବ:ଅ ପୁଣି କହିଲେ: ମସ୍‌ଜିଦ୍ ଓ ଉପାସନା କରିବାପାଇଁ ହିଁ ନିର୍ମାଣ ହୋଇଥାଏ । ଯିଏ ମଧ୍ୟ ଏକ ଅଦ୍ୱିତୀୟ ପ୍ରତାପଶାଳୀ ଈଶ୍ୱରଙ୍କ ଉପାସନା କରିବାକୁ ଚାହିଁବ ତାକୁ ଏଠାକୁ ଆସି ଉପାସନା କରିବାପାଇଁ ଅନୁମତି ଅଛି । ଏଠାରେ ମୃତି ତ ରଖାଯାଏନାହିଁ ତେଣୁ ଯଦି ଆପଣ ଏକ ଈଶ୍ୱରଙ୍କୁ ଉପାସନା କରିବାକୁ ଚାହୁଁଛନ୍ତି, ତେବେ କରିପାରିବେ । ସେଥିଯୋଗୁଁ ରସୁଲେ କରିମ୍ ସ:ଆ:ସ ମଧ୍ୟ ଇସାଇମାନଙ୍କୁ ନିଜ ପ୍ରଥା ମୁତାବକ ଉପାସନା କରିବାକୁ ଅନୁମତି ପ୍ରଦାନ କରିଥିଲେ ।

ପ୍ରେସ କନ୍‌ଫରେନ୍ସ ପରେ ହଜୁର ଅନଓ୍ବର ଅ:ବ:ଅ ମସ୍‌ଜିଦ୍ ସହିତ ସଂଲଗ୍ନ କାର୍ଯ୍ୟାଳୟ, ମିଶନ୍ ହାଉସ୍ ଏବଂ ଅନ୍ୟାନ୍ୟ ସ୍ଥାନଗୁଡ଼ିକୁ ପରିଦର୍ଶନ କଲେ ।

ମସ୍‌ଜିଦ୍ ନିର୍ମାଣ ହୋଇଥିବା ଜାଗାର ମୋଟ କ୍ଷେତ୍ରଫଳ ହେଉଛି ୧୬୮୩ ବର୍ଗମିଟର । ଏହି ଜାଗା ଖଣ୍ଡିକ ଡ଼ିସେମ୍ବର ୨୦୧୨ ମସିହାରେ ଦୁଇ ଲକ୍ଷ ୭୬ ହଜାର ୟୁରୋ ବିନିମୟରେ ଖରିଦ୍ କରାଯାଇଥିଲା ଏବଂ ଡ଼ିସେମ୍ବର ୨୦୧୪ ମସିହାରେ ଏହି ଜମି ଖଣ୍ଡିକ ଯମାତ୍ ନାମରେ ରେଜଷ୍ଟ୍ରି କରାଗଲା ।

୭ ଅକ୍ଟୋବର ୨୦୧୫ ମସିହାରେ ହଜୁର ଅନଓ୍ବର ଅ:ବ:ଅ ନିଜର ହଲାଣ୍ଡ ଗସ୍ତ ସମୟରେ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଶିଳାନ୍ୟାସ କରିଥିଲେ । ସେପ୍ଟେମ୍ବର ୨୦୧୬ ଔପଚାରିକ ଭାବେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ମସ୍‌ଜିଦ୍‌ଟିର ନିର୍ମାଣ ଯେତିକି ସ୍ଥାନରେ ହୋଇଛି, ତାହାର କ୍ଷେତ୍ରଫଳ ହେଉଛି ୫୫୮ ବର୍ଗମିଟର । ଏହି ମସ୍‌ଜିଦ୍‌ଟି ଦୁଇ ମହଲା ବିଶିଷ୍ଟ । ମିନାରର ଉଚ୍ଚତା ହେଉଛି ସାଢ଼େ ଅଠର ମିଟର । ମସ୍‌ଜିଦ୍‌ର ଗମ୍ବୁଜ ବଡ଼ ଆକାରର ଓ ତାହା ଫାଇବର ଗ୍ଲାସ୍‌ରେ ନିର୍ମାଣ ହୋଇଛି । ଏହି ଗମ୍ବୁଜଟି ଅହେମଦୀୟା ଆର୍କିଟେକ୍ଟ ଏଣ୍ଡ ଇଞ୍ଜିନିୟର୍ସ ଏଶୋସିଏଶନ୍ ପାକିସ୍ତାନ (Ahmadiyya Architect & Engineers Association Pakistan) ତିଆରି କରି ପଠାଇଥିଲେ ।

ଗୋଟିଏ Multipurpose Hall ମଧ୍ୟ ନିର୍ମାଣ କରାଯାଇଛି । ମସ୍‌ଜିଦ୍ ଏବଂ Multipurpose Hall ଟିକୁ ସାମିଲ କରି ଦୁଇଶହରୁ ଅଧିକା ଲୋକେ ନମାଜ ପାଠ କରିପାରିବେ । ମୁରବୀ ହାଉସ୍‌ର କ୍ଷେତ୍ରଫଳ ହେଉଛି ୧୧୧ ବର୍ଗମିଟର । ସେଥିରେ ବେଡ଼ରୁମ୍ ଏବଂ ସିଟିଙ୍ଗ ରୁମ୍ ବ୍ୟତିତ କିଚେନ୍ ଓ ଦୁଇଟି ୱାଶ୍‌ରୁମ୍ ସାମିଲ ଅଛି ।

Multipurpose Hallର କ୍ଷେତ୍ରଫଳ ୫୨.୫ ବର୍ଗମିଟର । ଗ୍ରାଉଣ୍ଡ ଫ୍ଲୋରରେ ସ୍ଥାନୀୟ ଯମାତ ନିମନ୍ତେ କାର୍ଯ୍ୟାଳୟ, ଟେକ୍‌ନିକାଲ ଏରିଆ, ଯମାତି କିଚେନ, ଗୋଟିଏ ଷ୍ଟୋର, ଚାରୋଟି ବଇତୁଲ୍ ଖଲା (ପାଇଖାନା) ଏବଂ ଓ୍ୱଜୁ କରିବାପାଇଁ ଜାଗା ତିଆରି ହୋଇଛି । ସେହିଭଳି ଲଜ୍‌ନାମାନଙ୍କ ନିମନ୍ତେ ନିର୍ମାଣ ହୋଇଥିବା ସ୍ଥାନରେ ମଧ୍ୟ ଗୋଟିଏ କାର୍ଯ୍ୟାଳୟ ଏବଂ ଚାରୋଟି ପାଇଖାନା ଓ ଓ୍ୱଜୁ ପାଇଁ ଜାଗା ତିଆରି କରାଯାଇଅଛି । ଏହି ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ ମୋଟ ଖର୍ଚ୍ଚ ଉଣା ଅଧିକେ ୧୮ ଲକ୍ଷ ୮୧ ହଜାର ୟୁରୋ କରାଯାଇଛି ।

**ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ଅବସରରେ ଗୋଟିଏ ବିଶେଷ ସଭାର ଅୟୋଜନ**

ମସ୍‌ଜିଦ୍ ଉଦଘାଟନ ହେବା ସମୟରେ ଗୋଟିଏ ବିଶେଷ ସଭାର ଆୟୋଜନ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ପୁରୁଷ ଓ ମହିଳାମାନଙ୍କ ନିମନ୍ତେ ଅଲଗା ଅଲଗା ସାମିୟାନା ଲଗାଯାଇ କରାଯାଇଥିଲା ।

ଆଜିର ଏହି ସଭାଟି ଏଥିଯୋଗୁଁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ଆଜିଠାରୁ ୬୪ ବର୍ଷ ପୂର୍ବେ ୧୯୫୫ ମସିହାରେ ହଲାଣ୍ଡର ଭୂମିରେ ଯମାତ୍‌ର ପ୍ରଥମ ମସ୍‌ଜିଦ୍ "ମସ୍‌ଜିଦ୍ ମୁବାରକ" Den Haag ଠାରେ ନିର୍ମାଣ କରାଯାଇଥିଲା । ଆଜି ୬୪ ବର୍ଷ ପରେ ଅଲ୍‌ମେରେ ସହରରେ ଯମାତ୍ ଅହେମଦୀୟା ହଲାଣ୍ଡ ଆଉ ଏକ ମସ୍‌ଜିଦ୍ ନିର୍ମାଣ କରିଛି ଓ ତାହା ଏକ ଉଦ୍‌ଘାଟନ ହେଉଅଛି ।

ହଜୁର ଅନଓ୍ବର ଅ:ବ:ଅଙ୍କ ଆଗମନ ପୂର୍ବରୁ ସମସ୍ତ ଅତିଥିଗଣ ସାମିଆନା ଭିତରେ ନିଜ ନିଜର ସ୍ଥାନରେ ବିରାଜମାନ ହୋଇସାରିଥିଲେ । ଏହି ସଭାରେ ସାମିଲ ହୋଇଥିବା ଅତିଥିମାନଙ୍କର ସଂଖ୍ୟା ୮୫ ଥିଲା । ସେମାନଙ୍କ ମଧ୍ୟରେ ଅଲ୍‌ମେରେ ସହରର ଡ଼େପୁଟି ମେୟର, ବିଭିନ୍ନ ଇଲାକାର କାଉନ୍‌ସିଲର, ସରକାରୀ ବିଭାଗର ପ୍ରତିନିଧି, ପୋଲିସ୍, ସିକ୍ୟୁରିଟି ପ୍ରତିନିଧି, ହିନ୍ଦୁ କମ୍ୟୁନିଟିର ଚେୟାରମ୍ୟାନ, ସିଖ୍ କମ୍ୟୁନିଟିର ଆଧ୍ୟାତ୍ମିକ ନେତା, Jewish Community ର ପ୍ରତିନିଧି, ଡ଼ାକ୍ତର, ପ୍ରଫେସର, ଶିକ୍ଷକ, ଓକିଲ, ବଣିକ, ମସ୍‌ଜିଦ୍ ବଇତୁଲ୍ ଆଫିୟତ୍ ଅଲ୍‌ମେରେର ଆର୍କିଟେକ୍ଟ ଏବଂ ଅନ୍ୟାନ୍ୟ ସଂସ୍ଥା ସହିତ ସମ୍ପର୍କ ରଖିଥିବା ଶିକ୍ଷିତ ବ୍ୟକ୍ତିଗଣ ସାମିଲ ଥିଲେ ।

ପ୍ରୋଗ୍ରାମ ମୁତାବକ ୬:୧୦ ରେ ହଜୁର ଅନଓ୍ବର ଅ:ବ:ଅ ସାମିଆନା ଭିତରକୁ ପ୍ରବେଶ କଲେ ଏବଂ ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୁର୍‌ଆନ୍ ପାଠରୁ ହେଲା । ଅତାଉଲ୍ କୟୁମ୍ ଆରିଫ୍ ସାହେବ ତିଲାଓ୍ବତ୍ (ପବିତ୍ର କୁର୍‌ଆନ୍ ଆବୃତି) କଲେ ଏବଂ ଏହାର ଇଂରାଜୀ ଅନୁବାଦ ପେଶ୍ କଲେ ।

ତା'ପରେ ସର୍ବପ୍ରଥମେ ଅଲ୍‌ମେରେ ସିଟି କାଉନ୍‌ସିଲ୍‌ର ସଦସ୍ୟ Ton Van Der Berg ,ଯାହାଙ୍କର ସମ୍ବନ୍ଧ ସୋସିଆଲିଷ୍ଟ ପାର୍ଟି ସହିତ ଅଛି, ସେ ନିଜର ସଂକ୍ଷିପ୍ତ ଭାଷଣରେ କହିଲେ: ସର୍ବପ୍ରଥମେ ମୁଁ ମାହାମାନ୍ୟ ଶାନ୍ତିଦୂତ ଖଲିଫାଙ୍କୁ ହଲାଣ୍ଡର ସବୁଠାରୁ ସୁନ୍ଦର ସହରରେ ସ୍ୱାଗତ କରୁଅଛି । ଆମ ପାର୍ଟି ତରଫରୁ ଆପଣଙ୍କ ଯମାତ୍‌ର ଲୋକମାନଙ୍କୁ ମଧ୍ୟ ସ୍ୱାଗତ ଜଣାଉଛି, ଯେଉଁମାନେ ବିଭିନ୍ନ ଇଲାକାରୁ ଓ ବିଭିନ୍ନ ଦେଶରୁ ଆସି ଆଜି ଏଠାରେ ଯୋଗ ଦେଇଛନ୍ତି । ଆଜି ଏଠାରେ ଉପସ୍ଥିତ ଥିବା ମୋର ସାଥି କାଉନ୍‌ସିଲମାନଙ୍କୁ ମଧ୍ୟ ସମ୍ମାନ ଜଣାଉଛି । ଇମାମ୍ ଯମାତ୍ ଅହେମଦୀୟା ମୋ ଅନୁମାନ ମୁତାବକ ଆମର ଏହି ଅଲ୍‌ମେରେ ସହରକୁ ଦ୍ୱିତୀୟ ଆସିଛନ୍ତି । ପ୍ରଥମ ଥର ଅକ୍ଟୋବର ୨୦୧୫ ମସିହାରେ ଆସିଥିଲେ, ସେତେବେଳେ ମହାମାନ୍ୟ ଏହି ମସ୍‌ଜିଦ୍‌ର ମୂଳଦୁଆ ପଥର ରଖିଥିଲେ । ମୁଁ ହଜୁରଙ୍କୁ ଏହି ସହରରେ ଏହି ସୁନ୍ଦର ଅଟ୍ଟାଳିକା ନିର୍ମାଣ ଯୋଗୁଁ ଶୁଭେଚ୍ଛା ଜଣାଉଛି । ଯଦିଚ ଅହେମଦୀମାନେ ମୁସଲମାନ ରାଷ୍ଟ୍ରଗୁଡ଼ିକରେ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan